EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

RNI Regd. No. ODIODI/2017/71524



ବର୍ଷ-୪ | ସଂଖ୍ୟା-୪୬ | ୩୦ ନଭେମ୍ବର - ୦୬ ଡିସେମ୍ବର, ୨୦୨୦ | ଭୁବନେଶ୍ୱର | Monday Weekly | VOL-4 | ISSUE-46 | 30th NOVEMBER- 06th DECEMBER, 2020 | BHUBANESWAR | ₹ 5/- (8 Pages)

### ପରୀ ମାମଲା, ବୋଥ୍ରାଙ୍କ କାନ୍ଧରେ ଦାୟିତ୍ୱ

## ନାକେଦମ ସରକାର



**ଭୁବନେଶ୍ୱର :** ନୟାଗଡ଼ ଜିଲ୍ଲାର ୫ ବର୍ଷର ଝିଅ ପରୀ ହତ୍ୟା ଘଟଣାରେ ବିଧାନସଭା ହୁଲ୍‌ସ୍ଥୁଲ ହେଉଥିବାବେଳେ ଏସ୍‌ଆଇଟି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି । କୋର୍ଟଙ୍କ ଦ୍ୱାରା ମନିଟରିଂ କରାଯାଉଥିବା ଏସ୍‌ଆଇଟି ତଦନ୍ତ ପାଇଁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏନେଇ ହାଇକୋର୍ଟ ରେଜିଷ୍ଟ୍ରାରଙ୍କୁ ଗୃହ ବିଭାଗର ସ୍ୱତନ୍ତ୍ର ସଚିବ ଡଃ ସନ୍ତୋଷ ବାଲା ଚିଠି ଲେଖିବା ସହ ଏସ୍‌ଆଇଟି ଟିମ୍ ମଧ୍ୟ ଗଠନ ହୋଇଛି । ଆଇଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ୫ ଜଣିଆ ଏସ୍‌ଆଇଟି ଗଠନ କରାଯାଇଛି । ଏହି ଟିମ୍‌ରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି ଆରେକ ଦୋରା, ଏଏସ୍‌ପି ଆର୍ ସି ଥମ୍ୱା, ଇନ୍ସପେକ୍ଟର ନରେନ୍ଦ୍ର ବେହେରା, ଇନ୍‌ସପେକ୍ଟର ମମତାରାଣୀ ପଣ୍ଡା ସାମିଲ୍ ଅଛନ୍ତି । ଏହି ଟିମ୍‌ର କାର୍ଯ୍ୟକୁ ହାଇକୋର୍ଟଙ୍କ ଜଣେ କାର୍ଯ୍ୟରତ ବିଚାରପତିଙ୍କ ମାଧ୍ୟମରେ ମନିଟରିଂ କରିବା ନିମନ୍ତେ ଅନୁମତି ଦେବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରାଯାଇଛି ।

ଅନ୍ୟପଟେ ପରୀ ହତ୍ୟାକାଣ୍ଡକୁ ନେଇ ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି । ଏହି ଘଟଣାରେ ସିବିଆଇ ତଦନ୍ତ ଓ କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବି କରି ବିଜେପି ସଦସ୍ୟମାନେ ଗୃହରେ ହଙ୍ଗାମା କରିଛନ୍ତି । ଗୃହକାର୍ଯ୍ୟ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାରାବାଜି, ହୋ-ହଲ୍ଲା, ବ୍ୟାନର ପ୍ରଦର୍ଶନ ଏବଂ ହଟ୍ଟଗୋଳ କରିଛନ୍ତି ବିଜେପି ସଦସ୍ୟ । ଏପରିକି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ି ନାରାବାଜି ଓ ବ୍ୟାନର ପ୍ରଦର୍ଶନ କରାଯାଇଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ବିଜେପି ସଦସ୍ୟମାନେ ହଟ୍ଟଗୋଳ ଆରମ୍ଭ କରି ଦେଇଥିଲେ । ହୋ-ହଲ୍ଲା ଭିତରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ଏହି ଘଟଣାରେ ମନ୍ତ୍ରୀଙ୍କ ସମ୍ପୃକ୍ତି ନେଇ ବକ୍ତବ୍ୟ ରଖିବାକୁ ବାଚସ୍ପତି ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ କହିଥିଲେ ମଧ୍ୟ ସେ ଏ ଦିଗ ପ୍ରତି ଚୁପ୍ ରହିଲେ । ମୁଖ୍ୟମନ୍ତ୍ରୀ ଯେଉଁ ବିବୃତି ଦେଇଛନ୍ତି ତାହାକୁ ନେଇ ସାଧାରଣରେ ସନ୍ଦେହ ରହିଥିବାରୁ ସରକାର ଏ ସଂକ୍ରାନ୍ତରେ ସ୍ପଷ୍ଟ କରିବା

### ଜଳୁଛି ପରୀ ମୃତ୍ୟୁର ନିଆଁ
### ମନ୍ତ୍ରୀ ଅରୁଣଙ୍କ ଇସ୍ତଫା ଦାବି

ଆବଶ୍ୟକ । ବିଜେପି ଦଳର ଜିଦ୍ ଯୋଗୁଁ ଗୋଟିଏ ବିଷୟରେ ବିଧାନସଭା ସୀମିତ ରହିଗଲାଣି । ଅତି ଗୁରୁତ୍ୱପୂର୍ଣ୍ଣ ସ୍ୱରାଷ୍ଟ୍ର ବିଭାଗର ଆଲୋଚନା ହୋଇପାରିଲାନି । ବିଜେପି ସଦସ୍ୟ ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି । ବାଚସ୍ପତି ସୁରକ୍ଷା ଦେବାକୁ ଶ୍ରୀ ମିଶ୍ର କହିଥିଲେ । ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ, ନୟାଗଡ଼ ଘଟଣାରେ ଏସ୍‌ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିନଥିଲାବେଳେ କଂଗ୍ରେସ ଦଳ କିଭଳି ରାଜି ହୋଇଗଲା ତାହା ଆଶ୍ଚର୍ଯ୍ୟ କରିଛି । କେତେ ଲୋକ ମଲେ, କେତେ ଲୋକଙ୍କ ଆଖି ତଡ଼ା ହେଲେ ଓ ହାଜତରେ ମଲେ ସରକାର ଚେତିବେ ବୋଲି ସେ ପ୍ରଶ୍ନ କରିଥିଲେ । ଏସ୍‌ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ରୋକ୍‌ଠୋକ୍ ଉତ୍ତର ରଖିବାକୁ ବିରୋଧୀ ଦଳ ନେତା ଦାବି କରିଥିଲେ । ବିଜେଡି ବିଧାୟକ ପ୍ରତାପ ଦେବ କହିଥିଲେ, ଗୃହରେ ଅଚଳାବସ୍ଥା ଜାରି ରହିଛି । ➤ ପୃ-୬

## ନ୍ୟାୟ ନମିଳିଲେ ବିଧାନସଭା ଚାଲ !



**ଭୁବନେଶ୍ୱର :** ଜିଲ୍ଲା ସ୍ତରରେ ନ୍ୟାୟ ମିଳୁଥିଲେ ପୀଡିତମାନେ ବିଧାନସଭା ଚାଲୁଥିଲା ବେଳେ ନ୍ୟାୟ ପାଇଁ ଏଠାକୁ ଆସୁନଥାନ୍ତେ । ଜିଲ୍ଲାସ୍ତରୀୟ ଅଧିକାରୀମାନେ ଘଟଣାର ଗୁରୁତ୍ୱ ଉପଲବ୍ଧି କରି ଯଦି ପୀଡିତଙ୍କୁ ନ୍ୟାୟ ଦେଇପାରନ୍ତେ, ତେବେ ସରକାରଙ୍କୁ ଅଡୁଆରେ ପକାଇବାକୁ ବିରୋଧୀଙ୍କୁ ପ୍ରସଙ୍ଗ ମିଳୁନଥାନ୍ତା । ହେଲେ ସମସ୍ୟାର ସମାଧାନ ହୋଇ ନପାରିବାରୁ କ୍ଷତିଗ୍ରସ୍ତ ବା ପୀଡିତମାନେ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ରାଜଧାନୀକୁ ଆସୁଛନ୍ତି । ଯେଉଁଥିପାଇଁ ନ୍ୟାୟ ନମିଳିଲେ ବିଧାନସଭା ଚାଲ । ରାଜ୍ୟରେ ନ୍ୟାୟ ପାଉନଥିବା ଲୋକଙ୍କ ଭିତରେ ଏଭଳି ଏକ ଧାରଣା ହଠାତ୍ ଜନ୍ମ ନେଇଛି । ଚଳିତ ବର୍ଷ ପ୍ରଥମଥର ପାଇଁ ଏଭଳି ଢଙ୍ଗରେ ପ୍ରଥମେ ପ୍ରତିବାଦ ଜଣାଇଥିଲେ ନୟାଗଡ଼ର ୫ ବର୍ଷୀୟ ନାବାଳିକା ପରୀର ବାପା ମା' । ପରେ ଆଠଗଡ଼ ଅଞ୍ଚଳର ୩ ଚାଷୀ ଓ କୁଜଙ୍ଗ ଅଞ୍ଚଳର ଦୁଇ ମା' ପୁଅ ଆସି ରାଜ୍ୟ ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରିବା ରାଜ୍ୟବ୍ୟାପୀ ଚର୍ଚ୍ଚା ସୃଷ୍ଟି କରିଛି । ଏହି ନୂଆ ଧାରାକୁ ନେଇ ସବୁଠି ଚର୍ଚ୍ଚା ଆରମ୍ଭ ହୋଇଗଲାଣି । କେତେକ ➤ ପୃ-୬


### ଲୋକଙ୍କୁ ମିଳିବ କରୋନା ଟିକା

## ରୋଡମ୍ୟାପ ପ୍ରସ୍ତୁତ କଲେ ମୋଦି



**ନୂଆଦିଲ୍ଲୀ :** କରୋନା ସଙ୍କଟ କାଳରେ ଲୋକଙ୍କୁ ସୁରକ୍ଷା ଏବଂ ଅର୍ଥନୀତିକୁ ମଜଭୁତ କରିବା ପାଇଁ କେନ୍ଦ୍ର ସରକାର ନିୟମିତ ଉଦ୍ୟମ ଏବଂ ପଦକ୍ଷେପ ନେଇଚାଲିଛି । ଆଉ ଏହାର ମଙ୍ଗ ନିଜେ ଧରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବର୍ତ୍ତମାନ ଭାରତ ସମେତ ବିଶ୍ୱର କିଛି ଦେଶରେ କରୋନା ଟିକା ପରୀକ୍ଷଣ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚି ଏହି କ୍ରମରେ ଦେଶରେ କରୋନା ମହାମାରୀର ସଫଳ ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହିତ ପଦକ୍ଷେପ ନେଉଥିଲା ବେଳେ ଶନିବାର ଭାରତରେ ତିନି କୋଭିଡ୍ ଟିକା ପ୍ରସ୍ତୁତିର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି । ସେ ପୁନେର ସରେମ୍ ଇନ୍‌ଷ୍ଟିଚ୍ୟୁଟ୍ ପରିଦର୍ଶନ କଲାବେଳେ ଆସନ୍ତା ଜାନୁଆରୀରୁ ମାସକୁ ୫ କୋଟିରୁ ଅଧିକ ଡୋଜ୍ ଟିକା ପ୍ରସ୍ତୁତ ହେବ ବୋଲି ସେଠାର ବୈଜ୍ଞାନିକମାନେ ତାଙ୍କୁ ଅବଗତ କରାଇଛନ୍ତି । ସେ ଦିନିକିଆ ଗସ୍ତରେ ଯାଇ ଅହମଦାବାଦ, ହାଇଦ୍ରାବାଦ ଓ ପୁନେରେ ପ୍ରସ୍ତୁତ ହେଉଥିବା କୋଭିଡ୍ ଟିକା ସମ୍ପର୍କରେ ଏଥିରେ ନିୟୋଜିତ ବୈଜ୍ଞାନିକ ଓ ଗବେଷକଙ୍କ ସହ ଆଲୋଚନା କରିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ କୁହାଯାଇଛି, ଦେଶରେ କୋଭିଡ୍ ଟିକାର ପ୍ରସ୍ତୁତି ଏବଂ ଏ କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା ଏବଂ ଜନସାଧାରଣଙ୍କୁ କିଭଳି ଶୀଘ୍ର ଟିକା ବିତରଣ କରାଯାଇପାରିବ ତାହାର ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତର ଥିଲା ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ପ୍ରଥମେ ଜାଇଡସ୍ କାଡିଲାର ଟିକା ପ୍ରସ୍ତୁତି ସ୍ଥଳ ଅହମଦାବାଦ ଠାରୁ ୨୦ କିଲୋମିଟର ➤ ପୃ-୬

### ଲଦାଖରେ ମାର୍କସ କମାଣ୍ଡୋ ମୁତୟନ



**ଲଦାଖ :** ଲଦାଖସ୍ଥିତ ବାସ୍ତବ ନିୟନ୍ତ୍ରଣ ରେଖାରେ ଆଜକୁ ଦୀର୍ଘ ସାତ ମାସ ଧରି ଚୀନ ସହ ଯେଉଁ ସୀମା ବିବାଦର ସୂତ୍ରପାତ ହୋଇଛି, ସେହି ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ପୂର୍ବ ଲଦାଖର ପାଙ୍ଗ୍‌ଗଙ୍ଗ୍ ହ୍ରଦ ନିକଟରେ ନୌବାହିନୀର ମାର୍କସ କମାଣ୍ଡୋଙ୍କୁ ମୁତୟନ କରାଯାଇଛି । ସୀମା ବିବାଦ ଆରମ୍ଭ ହେବା ଦିନଠାରୁ ସେହି ଅଞ୍ଚଳରେ ଭାରତୀୟ ବାୟୁସେନାର ଗରୁଡ କମାଣ୍ଡୋ ବାହିନୀ ଓ ସ୍ଥଳସେନାର ପାରା ସ୍ପେଶାଲ ବାହିନୀଙ୍କୁ ମୁତୟନ କରାଯାଇସାରିଛି । ପ୍ରବଳ ଶୀତ ଓ ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ଶତ୍ରୁପକ୍ଷର ଉଚିତ ମୁକାବିଲା କରିବାରେ ଏହି ନୌସେନା କମାଣ୍ଡୋ ବାହିନୀ କେତେଦୂର ସକ୍ଷମ ହେଉଛନ୍ତି, ତାହା ପରଖିବାକୁ ଏବଂ ଏହି ସ୍ୱତନ୍ତ୍ର କମାଣ୍ଡୋଙ୍କ ଅଭିଜ୍ଞତା ସ୍ତରକୁ ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଚଳିବର୍ଷ ଏପ୍ରିଲ-ମେ'ରୁ ପାଙ୍ଗ୍‌ଗଙ୍ଗ୍ ହ୍ରଦ ଭାରତ-ଚୀନ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ହ୍ରଦର କିଛି ଅଂଶ ଭାରତ କବ୍‌ଜାରେ ଥିବାବେଳେ ଅବଶିଷ୍ଟାଂଶ ଚୀନ ଦଖଲରେ ରହିଛି । ତେବେ ଉକ୍ତ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର ଲକ୍ଷ୍ୟରେ ଚୀନ ପାଙ୍ଗ୍‌ଗଙ୍ଗ୍ ହ୍ରଦକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ଚକ୍ରାନ୍ତ ଚଳାଇ ଆସୁଛି । ପାଙ୍ଗ୍‌ଗଙ୍ଗ୍ ହ୍ରଦରେ ପାଟ୍ରୋଲିଂ କାର୍ଯ୍ୟ ସମ୍ପାଦନ ନିମନ୍ତେ ମାର୍କସ କମାଣ୍ଡୋଙ୍କୁ ଅତ୍ୟାଧୁନିକ ବୋଟ୍ ଯୋଗାଇ ଦିଆଯିବ ବୋଲି ଜଣାପଡ଼ିଛି । ପୂର୍ବରୁ ସ୍ଥଳସେନାର ପାରା ସ୍ପେଶାଲ ବାହିନୀ ଓ କ୍ୟାବିନେଟ ସେକ୍ରେଟାରିଏଟ୍‌ର ସ୍ପେଶାଲ ଫ୍ରଣ୍ଟିୟର ବାହିନୀ ମିଳିତଭାବେ ଏହି ହ୍ରଦରେ ପାଟ୍ରୋଲିଂ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ➤ ପୃ-୬

### ବକ୍ରବାଣୀ



ଯାଙ୍କର ଖୋଲିଲେ ତାଙ୍କର ଖୋଲେ
ନୋଇଲେ ଗୋପନେ ଦୁହିଁଙ୍କ ଚାଲେ
ହାଜତ ମାମଲା ଉଠିଲା ବୋଲି
ଗଞ୍ଜେଇ ଗୁମର ଖୋଲିଲା କାଲି
ସଲାସୁତୁରାରେ କରନ୍ତି ଖେଳ
ଗୁମର ଖୋଲନ୍ତି ଦେଖିକି ବେଳ
ସାରୁଅ କଥାଟା ଛପିକି ଥିଲା
ଫୁଲ ଧଇଲାରୁ ପ୍ରଘଟ ହେଲା
ସାହୁ ଫସିଲାରୁ ନୟାଗଡରେ
ଗୁମର ଖୋଲୁଛି ବଡଦାଣ୍ଡରେ ।

—— ଟୁଟୁ

## 'ଏସ୍‌ଆଇଟି ତଦନ୍ତ ପାଇଁ ଦାବି କରିଥିଲା କଂଗ୍ରେସ'



**ଭୁବନେଶ୍ୱର :** ଗତ ଶୁକ୍ରବାର ବିଧାନସଭାରେ ଯାହାସବୁ ଘଟଣା ଘଟିଗଲା ତାହାକୁ ନେଇ ଗଣମାଧ୍ୟମରେ ବିଭିନ୍ନ ମତପ୍ରକାଶ ପାଇଛି । କେତେକ ଗଣମାଧ୍ୟମ ଠିକ୍ ଖବର ପ୍ରସାରିତ କରିଥିଲା ବେଳେ ଆଉ କେତେକ ଭିନ୍ନ ଧରଣର ଖବର ପ୍ରସାରିତ କରିଛନ୍ତି । ଫଳରେ ଜନସାଧାରଣଙ୍କ ପାଖକୁ ଏକ ଭୁଲ ବାର୍ତ୍ତା ଯାଇଛି । ସେଥିପାଇଁ କଂଗ୍ରେସ ଦଳ ବାଧ୍ୟ ହୋଇ ଏକ ସାମ୍ବାଦିକ ସମ୍ମିଳନୀ ଡାକିଛି ବୋଲି ବିରୋଧୀ ଦଳ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ପ୍ରଥମେ ପୁରୀ ଘଟଣା ନେଇ ବିଧାନସଭା ଚାଲିଥିଲା । ସେଠାରେ ହୋ ହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା । କଂଗ୍ରେସ ତା'ର ମତ ରଖି ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଥିଲା । ସେଠାରେ ପୁରୀ ହାଜତ ମୃତ୍ୟୁ, ଶବ ପୋଡ଼ି, ସୁନ୍ଦରଗଡ଼ରେ ହାଜତ ମୃତ୍ୟୁ, ଭୁବନେଶ୍ୱରରେ ନାରୀ ନିର୍ଯାତନା, କଟକରେ ଡକାୟତି ଓ ହତ୍ୟା ଆଦି ବଢ଼ିଚାଲିଥିବା ଘଟଣାରେ ଆଲୋଚନା ହୋଇଥିଲା । ଏପରିକି ସ୍କୁଲ ବନ୍ଦ ପ୍ରସଙ୍ଗରେ କଂଗ୍ରେସ ବିରୋଧ କରିଥିଲା । ଏଥିରେ ସରକାର କେବିକେ ଜିଲ୍ଲାରେ ସ୍କୁଲ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କଲେ । ସାରା ଓଡ଼ିଶାରେ ସ୍କୁଲ ବନ୍ଦ ହେବନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ଗୃହରେ ପ୍ରତିଶ୍ରୁତି ଦେଲେ । ଏହି ପ୍ରସଙ୍ଗରେ ସରକାର ଯେଉଁ ନିଷ୍ପତ୍ତି ନେଲେ ଏହା ଏକ ସ୍ୱାଗତ ଯୋଗ୍ୟ ପ୍ରଦକ୍ଷେପ । କଂଗ୍ରେସ ଦଳ ହିଁ ଏହି ପ୍ରସଙ୍ଗରେ ପ୍ରଥମେ ସ୍ୱର ଉଠାଇଥିଲା । ହେଲେ ଏହି ପ୍ରସଙ୍ଗରେ ରାଜ୍ୟର ମୁଖ୍ୟ ବିରୋଧୀଦଳ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ କଂଗ୍ରେସ ଦଳ ପ୍ରଥମେ ଗୃହଭିତରେ ପ୍ରବେଶ କରି ଏହି ପ୍ରସଙ୍ଗ ଉଠାଇଦେଲେ । ଏଥିରେ ଆମେ କ'ଣ କରିବୁ ବୋଲି ମୁଖ୍ୟ ବିରୋଧୀ ଦଳ କହିଛନ୍ତି । ହେଲେ କଂଗ୍ରେସ ଯେଉଁ ଦାବିରଖିଥିଲା, ତାହା ସରକାର ପାଳନ କଲେ । ସେମାନେ ଏହି ପ୍ରସଙ୍ଗରେ ସମର୍ଥନ କରିଛନ୍ତି । ହେଲେ ଏହି ବିଷୟରେ ଦାବି ଉପସ୍ଥାପନା ହେଉ ବୋଲି ମୁଖ୍ୟ ବିରୋଧୀ ଦଳ ଚାହୁଁ ନଥିଲା ବୋଲି ଶ୍ରୀ ମିଶ୍ର ଆରୋପ ଲଗାଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପୁରୀ ଘଟଣାରେ ବି କଂଗ୍ରେସ ଚାପ ପକାଇଥିଲା । ସେହିଦିନ ସନ୍ଧ୍ୟାରେ ପୁଲିସ କର୍ମଚାରୀ ନିଲମ୍ବିତ ହେଲେ । ଗତକାଲି କଂଗ୍ରେସ ପକ୍ଷରୁ ପରୀ ଘଟଣାରେ ସ୍ୱର ଉଠାଇଥିଲା । ଏହି ଘଟଣାରେ ବାଚସ୍ପତି ୪ଟି ପଏଣ୍ଟରେ ଉତ୍ତର ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ମନ୍ତ୍ରୀ କିନ୍ତୁ ଗୋଟିଏ ପଏଣ୍ଟ ଉପରେ ଉତ୍ତର ରଖିଲେ । କିନ୍ତୁ ୪ଟି ପଏଣ୍ଟରୁ ଗୋଟିଏ ପଏଣ୍ଟ ଥିଲା, ପ୍ରାଣ ହରାଇଥିବା ନାବାଳିକାର ବାପାମାଆ ଅଭିଯୋଗ କରିଛନ୍ତି ନୟାଗଡ଼ର ମନ୍ତ୍ରୀଙ୍କ ବିରୋଧରେ । ଏହା ଏକ ଗୁରୁତର ଅଭିଯୋଗ । ମନ୍ତ୍ରୀ ଉତ୍ତର ଦେଲେ ନାହିଁ । ତେଣୁ ଆଇନର ବ୍ୟବସ୍ଥା ଅନୁସାରେ ସେହି ଦିନ ଆଉ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରି ଯାଇପାରିବ ନାହିଁ । ସେଥିପାଇଁ ହାଇକୋର୍ଟର ତତ୍ତ୍ୱାବଧାନରେ ଏକ ➤ ପୃ-୬




### ସ୍କୁଲ ପାଇଁ ସଂରକ୍ଷିତ ଜାଗାରେ ପଞ୍ଚାୟତ ଗୃହ ନିର୍ମାଣ ପ୍ରସଙ୍ଗ

## ଅନିୟମିତତା ନେଇ ଜନସ୍ୱାର୍ଥ ମାମଲା



**ଭଦ୍ରକ,(ବିକାଶ କୁମାର ଧଳ):** ବିଭାଗୀୟ ଅଧିକାରୀ ନିଜ ଜିଦରେ ଅଟଳ ରହି ସରକାରୀ ନିୟମ ବହିର୍ଭୂତ କାର୍ଯ୍ୟ କରୁଥିବାରୁ ଏହା ବିଭିନ୍ନ ସମୟରେ ଏକ ଅଶାନ୍ତକର ପରିସ୍ଥିତି ସୃଷ୍ଟି କରୁଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ବର୍ଚ୍ଛିକୟାଁ ପଂଚାୟତରେ । ଉକ୍ତ ପଂଚାୟତରେ ସ୍କୁଲ ନିମନ୍ତେ ସଂରକ୍ଷିତ ଜାଗାରେ ପଂଚାୟତ ଗୃହ ନିର୍ମାଣରେ ଅନିୟମିତତାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇ ରାଜ୍ୟ ସରକାର,ଓଡ଼ିଶା,ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,ସଂପାଦକ,ଭୁବନେଶ୍ୱର,ଭଦ୍ରକ ଜିଲାପାଳ,ଭଦ୍ରକ ଜିଲାଶିକ୍ଷା ଅଧିକାରୀ,ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ବନ୍ତ ବିଡ଼ିଓଙ୍କୁ ପକ୍ଷ କରାଯାଇଥିଲା । ଗତ ସେପ୍ଟେମ୍ବର ମାସ ତିନି ତାରିଖରେ ଉଚ୍ଚନ୍ୟାୟାଳୟ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ବିଚାର କରି ଦୁଇମାସ ମଧ୍ୟରେ ଜିଲାପାଳ ଭଦ୍ରକ ଏହାର ତଦନ୍ତ କରି ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ମାସ ୨୦ ତାରିଖରେ ଜିଲାପାଳ ଏହା ଉପରେ ବିଚାର କରି ନିଜ ରାୟକୁ ସଂରକ୍ଷିତ ରଖିଥିବା ବେଳେ ଡ଼ବ୍ଲ୍ୟୁପି(ସି)୨୩୭୮୮/୨୦ ତା:୧୪/୦୯/୨୦ରେ ଗ୍ରାମବାସୀ ପକ୍ଷରୁ ପିଲାମାନଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ଦାୟର କରାଯାଇଥିବା ଆଉ ଏକ ଜନସ୍ୱାର୍ଥ ମାମଲାକୁ ବିଚାରକୁ ନେଇ ଗତ ୨୩ ତାରିଖରେ ଉଚ୍ଚନ୍ୟାୟାଳୟ ଜିଲାପାଳ ଭଦ୍ରକଙ୍କୁ ଏହା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୮ସପ୍ତାହ ମଧ୍ୟରେ ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ:ପଂଚାୟତ ପୁନର୍ଗଠନ ଆଇନରେ ବନ୍ତ ବ୍ଲକରେ ୩ଗୋଟି ନୂତନ ଗ୍ରାମପଂଚାୟତ ଗଠନ ଘୋଷଣା କରାଯାଇଥିଲା । ତନ୍ମଧ୍ୟରୁ କାଦବରାଙ୍ଗ ପଂଚାୟତକୁ ଭାଗ କରାଯାଇ ନୂତନ ଭାବେ ବଡ଼ବର୍ଚ୍ଛିକୟାଁ ପଂଚାୟତ ଗଠନ କରାଯାଇଥିଲା । ତେବେ ବିଦ୍ୟାଳୟ ନିମନ୍ତେ ସଂରକ୍ଷିତ ଜମିରେ ପଂଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହେଉଛି ଓ ଏଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା । ଏନେଇ ଜୁଲାଇ ମାସ ୨୪ ତାରିଖରେ ଗଣମାଧ୍ୟମରେ ବିସ୍ତୃତ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ରାଜନୀତିରେ ସଫଳତା ହାସଲ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**କର୍କଟ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧାନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**ସିଂହ** ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**କନ୍ୟା** ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।


**ବିଛା** ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**ଧନୁ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ମକର** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**କୁମ୍ଭ** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ** ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

**ପାକିସ୍ତାନର ହାଫିଜ୍ ମିଛ ଧରାପଡିଲା**

# ଜେଲ୍ ନୁହେଁ, ଘରେ ରହି କରୁଛି ମଉଜ

**ନୂଆଦିଲ୍ଲୀ :** ମୁମ୍ବାଇ ୨୬/୧୧ ହମଲାର ମାଷ୍ଟର ମାଇଣ୍ଡ ହାଫିଜ୍ ସୟିଦ ମାମଲାରେ ପାକିସ୍ତାନ କେମିତି ସାରା ବିଶ୍ୱକୁ ଅନ୍ଧାରରେ ରଖିଛି, ତା'ର ଜ୍ୱଳନ୍ତ ଉଦାହାରଣ ସାମ୍ନାକୁ ଆସିଛି। ହାଫିଜକୁ କେବଳ ଭାରତ ନୁହେଁ ଜାତିସଂଘ ସୁରକ୍ଷା ପରିଷଦ ମଧ୍ୟ ଆତଙ୍କବାଦୀ ଘୋଷଣା କରିଛି। ଏହାର ଅର୍ଥ ସେ ଜେଲରେ ରହିବା କଥା। କିନ୍ତୁ ସେ ଜେଲ୍ ବଦଳରେ ଲାହୋରର ଜୋହର ସହରରେ ଥିବା ତା' ଘରେ ମଉଜ କରୁଥିବା ଜଣାପଡ଼ିଛି। ଜୋହରରେ ରହି ସେ ନିଜର ଆତଙ୍କୀ ନେଟୱର୍କ ଚଳାଉଥିବା ମଧ୍ୟ ସୂଚନା ମିଳିଛି। ୨୦୧୯ ଜୁଲାଇ ମାସରେ ହାଫିଜକୁ ଗିରଫ କରାଯାଇଥିବା ପାକିସ୍ତାନ ସାରା ବିଶ୍ୱକୁ ଜଣାଇଥିଲା। ଆତଙ୍କୀ କାର୍ଯ୍ୟକଳାପ ପାଇଁ ସେ ପାଣ୍ଠି ଯୋଗାଣ କରୁଥିବା ମାମଲାରେ ଦୋଷୀ ସାବ୍ୟସ୍ତ ମଧ୍ୟ ହୋଇଥିଲା। ଫେବୃଆରୀ ମାସରେ ୨ଟି ମାମଲାର ବିଚାର କରି ପାକିସ୍ତାନ କୋର୍ଟ ହାଫିଜ ଓ ତା'ର ସହଯୋଗୀଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ଦେଇଥିଲେ। ଗତ ସପ୍ତାହରେ ମଧ୍ୟ ହାଫିଜକୁ ଆଉ ଦୁଇଟି ମାମଲାରେ ପୁଣି ୧୦ ବର୍ଷ ଜେଲଦଣ୍ଡ ମିଳିଥିଲା। ଫାଇନାନସିଆଲ ଟାସ୍କ ଫୋର୍ସର କଳା ତାଲିକାରୁ ବର୍ତ୍ତିବା ପାଇଁ ପାକିସ୍ତାନ ଏଭଳି ଲୋକ ଦେଖାଣିଆ କାମ କରୁଥିବା ଭାରତ ପକ୍ଷରୁ କୁହାଯାଇଥିଲା। ହେଲେ ପାକିସ୍ତାନ ଏହାକୁ ମିଛ ବୋଲି କହିବା ସହ ହାଫିଜ ଜେଲରେ ଥିବା ସମସ୍ତଙ୍କୁ ଜଣାଇଥିଲା। ହେଲେ ଏବେ ଭାରତୀୟ ଗୁଇନ୍ଦା ସଂସ୍ଥାକୁ ମିଳିଥିବା ଖବର ପାକିସ୍ତାନର ଅସଲ ଚେହେରାକୁ ପଦାରେ ପକାଇଛି। ସୂଚନା ଅନୁସାରେ ହାଫିଜ ଲାହୋର ସ୍ଥିତ ଉଚ୍ଚ ସୁରକ୍ଷା ବ୍ୟବସ୍ଥାରେ ଥିବା କୋଟ ଲାଖପଟ ଜେଲ୍‌ରେ ରହୁନାହିଁ। ସେ ଅଧିକାଂଶ ସମୟ ତା' ଘରେ ରହୁଛି। ତା'କୁ କଏଦୀ ନୁହେଁ, ବରଂ ସେଠାରେ ଜଣେ ବିଶିଷ୍ଟ ବ୍ୟକ୍ତି ଭାବେ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଛି। ତା' ପାଖକୁ ଅନେକ କୁଖ୍ୟାତ ଆତଙ୍କବାଦୀମାନେ ମଧ୍ୟ ଆସୁଛନ୍ତି। ପାକିସ୍ତାନ ସବୁ ଜାଣିଥିଲେ ମଧ୍ୟ କେବଳ ଚୁପ ରହିଛି।



ଗତମାସରେ ହାଫିଜ ପାଖକୁ ଲସ୍କର ଜିହାଦ ଓ୍ୱିଙ୍ଗର କମାଣ୍ଡର ଜାକି ଉର ରେହମାନ ଲଖଭୀ ଆସିଥିଲାୟ ଲଖଭୀ ଓ ହାଫିଜ ଆତଙ୍କୀ କାର୍ଯ୍ୟକଳାପକୁ କେମିତି ବୃଦ୍ଧି କରାଯିବ ସେ ବିଷୟରେ ଆଲୋଚନା ମଧ୍ୟ କରିଛନ୍ତି। ଏଥିସହ ଆତଙ୍କୀ ସଂଗଠନ ପାଇଁ ପାଣ୍ଠି କେମିତି ଯୋଗାଡ଼ କରାଯିବ, ସେ ବିଷୟରେ ମଧ୍ୟ ଉଭୟ ଆଲୋଚନା କରିଛନ୍ତି। ହାଫିଜ ଭଳି ଲଖଭୀକୁ ମଧ୍ୟ ଜାତିସଂଘ ସୁରକ୍ଷା ପରିଷଦ ଆତଙ୍କୀ ଘୋଷଣା କରିଛି। ସେ ମଧ୍ୟ ମୁମ୍ବାଇ ୨୬/୧୧ ଆକ୍ରମଣରେ ସାମିଲ ଥିଲା। ଲଖଭୀକୁ ଅନ୍ତର୍ଜାତୀୟ ଚାପରେ ଅନେକ ଥର ପାକିସ୍ତାନ ଗିରଫ କରିଛି। ହେଲେ ତା'କୁ ମଧ୍ୟ ତା'ର ବସ୍ ହାଫିଜ ଭଳି ସବୁ ପ୍ରକାରର ଆତିଥ୍ୟ ପାକିସ୍ତାନ ସରକାର ପ୍ରଦାନ କରିବାର ନଜିର ରହିଛି।

# ଗୁଜରାଟ ଓ ଦିଲ୍ଲୀକୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା

**ନୂଆଦିଲ୍ଲୀ :** ଯଦି ରାଜ୍ୟ ଗୁଡ଼ିକ ଠିକ୍ ଭାବେ ପ୍ରସ୍ତୁତ ନ ହେବେ, ତା'ହେଲେ ଡିସେମ୍ବରରେ ସ୍ଥିତି ଆହୁରି ବିଗିଡ଼ି ଯିବ। ରାଜ୍ୟ ଗୁଡ଼ିକରେ ବୃଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏଭଳି ବୟାନ ଦେଇଛନ୍ତି। ଏଥିସହ



କରୋନା ସଂକ୍ରମଣକୁ ରୋକିବା ପାଇଁ ଦିଲ୍ଲୀ ଗୁଜରାଟ, ମହାରାଷ୍ଟ୍ର ଓ ଆସାମ ସରକାର କ'ଣ ସବୁ ପଦକ୍ଷେପ ନେଇଛନ୍ତି, ସେକଥା ସତ୍ୟପାଠ ଜରିଆରେ ଦୁଇ ଦିନ ମଧ୍ୟରେ ଜଣାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସୁପ୍ରିମକୋର୍ଟ ସବୁ ରାଜ୍ୟର ସରକାରମାନଙ୍କୁ କରୋନାର ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କହିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ଅଶୋକ ଭୂଷଣ, ଜଷ୍ଟିସ ଆର ସୁବାଷ ରେଡ୍ଡୀ ଓ ଜଷ୍ଟିସ ଏମପି ଶାହଙ୍କ ଖଣ୍ଡପୀଠ ବର୍ଦ୍ଧିତ କରୋନା ସଂକ୍ରମଣକୁ ରୋକିବା ପାଇଁ ଦିଲ୍ଲୀ ଓ ଗୁଜରାଟ ସରକାର କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନଥିବା କହିଛନ୍ତି। ଏହି ଦୁଇ ରାଜ୍ୟକୁ ମଧ୍ୟ ପ୍ରବଳ ଭର୍ତ୍ସନା କରିଛନ୍ତି ଖଣ୍ଡପୀଠ। ଖଣ୍ଡପୀଠ କହିଛନ୍ତି, ଚଳିତ ମାସରେ କରୋନା ସଂକ୍ରମଣ ହଠାତ ବୃଦ୍ଧି ପାଇବା ମାମଲାର ଶୁଣାଣି ଆମେ କରୁଛୁ। ଆମେ ସବୁ ରାଜ୍ୟ ଠାରୁ କରୋନାର ଷ୍ଟାଟସ ରିପୋର୍ଟ ଚାହୁଁଛୁ। ଯଦି ରାଜ୍ୟଗୁଡ଼ିକ ଏବେ ଠାରୁ ସତର୍କ ନ ହେବେ, ତା'ହେଲେ ଡିସେମ୍ବରରେ ସ୍ଥିତି ଆହୁରି ଭୟଙ୍କର ହେବ। ଦିଲ୍ଲୀରେ ଦିନକୁ ଦିନ ସ୍ଥିତି ଅଧିକ ଜଟିଳ ହେବାରେ ଲାଗିଛି। ବର୍ତ୍ତମାନ ଦିଲ୍ଲୀର ସ୍ଥିତି କ'ଣ ? ଆପଣ ଆଉ ଅଧିକ କ'ଣ ସବୁ ପଦକ୍ଷେପ ନେବେ ? ଆମେ ଏ ବିଷୟରେ ଜାଣିବା ପାଇଁ ଚାହୁଁଛୁ। ସବୁ ରାଜ୍ୟ କରୋନା ସଂକ୍ରମଣକୁ ରୋକିବାକୁ କ'ଣ ପଦକ୍ଷେପ ନେଇଛନ୍ତି ଓ କେନ୍ଦ୍ର ସରକାରଙ୍କ ଠାରୁ ସେମାନେ ଆଉ କ'ଣ ସହାୟତା ଚାହୁଁଛନ୍ତି ସେ ବିଷୟରେ ଜଣାଇବେ ବୋଲି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ଦିଲ୍ଲୀ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନେଇଥିବା ପଦକ୍ଷେପ ଗୁଡ଼ିକ ବିଷୟରେ କୋର୍ଟଙ୍କୁ ଅବଗତ କରାଇଥିଲେ। ତଥାପି ଦିଲ୍ଲୀ ସରକାରଙ୍କୁ ଅନେକ ବିଷୟରେ ଉତ୍ତର ଦେବାକୁ ପଡ଼ିବ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ଗୁଜରାଟ ସରକାରଙ୍କୁ କହିଛନ୍ତି, ଦିଲ୍ଲୀ ପଛକୁ ଗୁଜରାଟ ରହିଛି। ଗୁଜରାଟର କରୋନା ସ୍ଥିତି ମଧ୍ୟ ଭୟଙ୍କରୟ ଏହାକୁ ରୋକିବାକୁ କ'ଣ ପଦକ୍ଷେପ ନିଆଯାଇଛି ? ଆପଣଙ୍କ ରାଜ୍ୟରେ କ'ଣ ସବୁ ଚାଲିଛି ? ରାଜନୀତିକ ସମାବେଶ ପାଇଁ ଆପଣ କି ପଦକ୍ଷେପ ନେଇଛନ୍ତି ? ଏସବୁ ବିଷୟରେ ଆମକୁ ଜଣାନ୍ତୁ ବୋଲି ଖଣ୍ଡପୀଠ କହିଛନ୍ତି।

# ପୁଣି ମପାଯିବ ଏଭରେଷ୍ଟ ଶୃଙ୍ଗର ଉଚ୍ଚତା

**କାଠମାଣ୍ଡୁ :** ବିଶ୍ୱର ଉଚ୍ଚତମ ଶୃଙ୍ଗ ଭାବେ ମାନ୍ୟତାଲାଭ କରିଥିବା ଏଭରେଷ୍ଟର ପ୍ରକୃତ ଉଚ୍ଚତା ଆଉ ଥରେ ମାପିବାକୁ ଉଭୟ ନେପାଳ ଓ ଚୀନ ଇତିମଧ୍ୟରେ ଉଦ୍ୟମ କରୁଥିବା ଜଣାପଡିଛି। ଆସନ୍ତା ଜାନୁଆରୀରେ ଚୀନ ପ୍ରତିରକ୍ଷା ମନ୍ତ୍ରୀ ନେପାଳ ଗସ୍ତରେ ଆସୁଥିବାବେଳେ ଉଭୟ ରାଷ୍ଟ୍ର ମିଳିତଭାବେ ଏଭରେଷ୍ଟର ସଂଶୋଧିତ ଉଚ୍ଚତା ସମ୍ପର୍କରେ ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ୧୯୫୪ରେ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ କରାଯାଇଥିବା ମାପଚୁପ ଅନୁଯାୟୀ ସମୁଦ୍ର ପତନଠାରୁ ଏଭରେଷ୍ଟର ଉଚ୍ଚତା ୮୮୪୮ ମିଟର ବୋଲି ଦର୍ଶାଯାଇଥିଲା।



୧୯୭୫ରେ ଚୀନ ସର୍ବେକ୍ଷଣ ବିଶେଷଜ୍ଞମାନେ ଏଭରେଷ୍ଟର ଉଚ୍ଚତା ୮୮୪୮.୧୩ ମିଟର ବୋଲି ଉଲ୍ଲେଖ କରିଥିଲେ। ତେବେ ୨୦୦୫ରେ କରାଯାଇଥିବା ମାପଚୁପ ଅନୁଯାୟୀ ଏଭରେଷ୍ଟର ପ୍ରକୃତ ଉଚ୍ଚତା ୮୮୪୪.୪୩ ମିଟର ବୋଲି ଦର୍ଶାଯାଇଥିଲା। ଶୃଙ୍ଗର ଉପରିଭାଗରେ ୩.୫ ମିଟର ଉଚ୍ଚତାର ବରଫ ଆସ୍ତରଣ ରହିଥିବା ରିପୋର୍ଟରେ କୁହାଯାଇଥିଲା। ଏଭଳି ତାରତମ୍ୟ ଦୂର କରିବାକୁ ନେପାଳ ଓ ଚୀନ ପକ୍ଷରୁ ସାନି ଉଦ୍ୟମ କରାଯାଇଛି। ୨୦୧୫ରେ ନେପାଳରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏଥିଯୋଗୁଁ ଏଭରେଷ୍ଟ ଶୃଙ୍ଗର ଉଚ୍ଚତାରେ ତଫାତ୍ ଆସିପାରେ ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

# ଚଳିତ ବର୍ଷ ବିଦେଶକୁ ଉଡ଼ିବନି ବିମାନ

**ନୂଆଦିଲ୍ଲୀ :** ଚଳିତ ବର୍ଷ ବିଦେଶୀକୁ କୌଣସି ଯାତ୍ରୀବାହୀ ବିମାନ ଉଡ଼ାଣ କରିପାରିବ ନାହିଁ। ମହାମାରୀ କରୋନ ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଡିସେମ୍ବର ମାସ ପାଇଁ ଜାରି କରିଥିବା ଗାଇଡଲାଇନରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପୂର୍ବ ଗାଇଡଲାଇନ ଅନୁଯାୟୀ, ଡିସେମ୍ବର ୧ ପରେ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଥିଲା। ହେଲେ ଏଥିରେ ସଂଶୋଧନ କରାଯାଇଛି। ଆସନ୍ତା ଡିସେମ୍ବର ୩୧ ଯାଏ ଭାରତରୁ ବିଦେଶୀକୁ କୌଣସି ପ୍ରକାରର ଅନ୍ତର୍ଜାତୀୟ ବିମାନ ଉଡ଼ିବ ନାହିଁ ବୋଲି କୁହାଯାଇଛି। ଡିଜିସିଏ କହିଛି ଯେ ନିୟମିତ ଅନ୍ତର୍ଜାତୀୟ ବିମାନ ସେବାକୁ ଡିସେମ୍ବର ୩୧ ଯାଏ ବନ୍ଦ ରଖାଯାଇଛି। ହେଲେ ସମୟ ଅନୁସାରେ କିଛି ନିର୍ଦ୍ଦିଷ୍ଟ ରୁଟ୍‌ରେ ବିମାନ ସେବା ଆବଶ୍ୟକ ସ୍ଥଳରେ ଆରମ୍ଭ କରାଯାଇ ପାରିବ। ସେହିପରି ପୂର୍ବଭଳି ମାଲ ପରିବହନ ବିମାନଗୁଡ଼ିକ ଉପରେ କୌଣସି କଟକଣା ଲାଗୁ କରାଯିବ ନାହିଁ। ଏହି ବିମାନ ଗୁଡ଼ିକ ଅନ୍ତର୍ଜାତୀୟ ସେବା ଯୋଗାଇପାରିବେ। ଡିସେମ୍ବର ୩୧ ଯାଏ ଅନ୍ତର୍ଜାତୀୟ ବିମାନ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ହୋଇଥିବାରୁ ଆସନ୍ତାବର୍ଷ ହିଁ ଲୋକେ ବିନା କୌଣସି କଟକଣାରେ ବିଦେଶ ଯାତ୍ରା କରିବାକୁ ଅନୁମତି ପାଇବେ ବୋଲି କୁହାଯାଉଛି। ଚଳିତ ବର୍ଷ ମାର୍ଚ୍ଚ ମାସରୁ କରୋନା ସଂକ୍ରମଣ ପାଇଁ ଭାରତ ସରକାର ଅନ୍ତର୍ଜାତୀୟ ବିମାନ ସେବାକୁ ବନ୍ଦ ରଖିଥିଲେ। ତେବେ ମେ' ମାସରୁ ବନ୍ଦେ ଭାରତ ମିଶନ ଜରିଆରେ ବିଭନ୍ନ ଦେଶରେ ଫସିଥିବା ଲୋକଙ୍କୁ ସ୍ୱଦେଶ ଫେରାଇ ଅଣାଯିବାର ବ୍ୟବସ୍ଥା କରାଯାଉଛି।

# ଏଣିକି ଦୁଷ୍କର୍ମକାରୀଙ୍କୁ କରାଯିବ ନପୁଂସକ

**ଇସଲାମାବାଦ :** ମହିଳା ବିରୋଧୀ ନିର୍ଯାତନା ଓ ଦୁଷ୍କର୍ମ ଭଳି ଜଘନ୍ୟକାଣ୍ଡକୁ ରୋକିବା ପାଇଁ ଅନେକ କଡ଼ା ଆଇନ ପ୍ରଣୟନ କରାଯାଇଛି। କିଛି ଦେଶରେ ଦୁଷ୍କର୍ମକାରୀଙ୍କୁ ଗୁଳି କରି ଦିଆଯାଉଛି ତ ଆଉ କିଛି ସ୍ଥାନରେ ସେମାନଙ୍କ ଗୁପ୍ତାଙ୍ଗକୁ କାଟି ଦିଆଯାଉଛି। ଏହିକ୍ରମରେ ଦୁଷ୍କର୍ମକାରୀଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ କରିବାକୁ ପାକିସ୍ତାନ ସରକାର ଅଣ୍ଟାଭିଡ଼ିଛନ୍ତି। ଏଣିକି ପାକିସ୍ତାନରେ ଦୁଷ୍କର୍ମକରି ଦୋଷୀ ସାବ୍ୟସ୍ତ ହେଉଥିବା ଲୋକଙ୍କୁ ନପୁଂସକ କରାଯିବ। ଏ ସଂକ୍ରାନ୍ତରେ ଏକ ଅଧ୍ୟାଦେଶ ଉପରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୋହର ମାରିଛନ୍ତି। ନୂଆ ଆଇନ ଅନୁଯାୟୀ, ଯଦି କୌଣସି ବ୍ୟକ୍ତି ଦୁଷ୍କର୍ମ ଘଟଣାରେ ଦୋଷୀ ସାବ୍ୟସ୍ତ ହେବ, ତା'ହେଲେ ତା'କୁ ସର୍ଜରୀ କିମ୍ବା କେମିକାଲ ଦ୍ୱାରା ନପୁଂସକ କରିଦିଆଯିବ। ଏହି ପ୍ରସ୍ତାବ ଉପରେ ଆଲୋଚନା କରିବା ପାଇଁ ପାକିସ୍ତାନରେ ଫେଡରାଲ କ୍ୟାବିନେଟ ମିଟିଂ ବସିଥିଲା। ବୈଠକରେ ଆଇନ ମନ୍ତ୍ରଣାଳୟ ପକ୍ଷରୁ ଆଣ୍ଟି-ରେପ ଅଧ୍ୟାଦେଶ ଆଗତ କରାଯାଇଥିଲା। ଅଧ୍ୟାଦେଶ ଉପରେ ଆଲୋଚନା କରାଯିବା ପରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏହାକୁ ସବୁଜ ସଙ୍କେତ ଦେଇଛନ୍ତି। ଅଧ୍ୟାଦେଶରେ ମହିଳାଙ୍କୁ ନ୍ୟାୟ ଦେବା ପାଇଁ ପାଷ୍ଟଟ୍ରାକ ଉପାୟରେ ଦୁଷ୍କର୍ମ ମାମଲାର ବିଚାର କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଦୁଷ୍କର୍ମ ପୀଡ଼ିତା ବିନା ଭୟରେ ତାଙ୍କ ସହ ହୋଇଥିବା ଜଘନ୍ୟକାଣ୍ଡ ସମ୍ପର୍କରେ ଅଭିଯୋଗ କରିପାରିବେ। ସେମାନଙ୍କ ସୁରକ୍ଷା ଦାୟିତ୍ୱ ସରକାର ନିଜେ ନେବେ ଓ ସେମାନଙ୍କ ପରିଚୟକୁ ସଂପୂର୍ଣ୍ଣ ଭାବେ ଗୋପନ ରଖାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବୈଠକ ବେଳେ କିଛି ମନ୍ତ୍ରୀ ଦୁଷ୍କର୍ମକାରୀଙ୍କୁ ସର୍ବସାଧାରଣରେ ଫାଶୀ ଖୁଣ୍ଟରେ ଝୁଲାଇ ଦେବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀ ନଂପୁସକରୁ କାମ ଆରମ୍ଭ ହେଉ ବୋଲି ମତ ଦେଇଥିଲେ। କ୍ୟାବିନେଟ୍‌ରେ ନପୁଂସକ ପ୍ରସ୍ତାବ ପାରିତ ହୋଇଥିବାରୁ ଏହାକୁ ଖୁବଶୀଘ୍ର ସଂସଦରେ ଉପସ୍ଥାପନ କରି ଆଇନରେ ପରିଣତ କରାଯିବ। ପାକିସ୍ତାନ ପ୍ରଥମ ଦେଶ ଭାବେ ଏଭଳି କଠୋର ଦଣ୍ଡବିଧାନ କରି ନାହିଁ। ଏହା ପୂର୍ବରୁ ଅନେକ ଏମିତି ଦେଶ ରହିଛନ୍ତି, ଯେଉଁଠାରେ ଦୁଷ୍କର୍ମକାରୀଙ୍କୁ କଠୋର ଦଣ୍ଡ ଦିଆଯାଇ ଥାଏ। ଉତ୍ତର କୋରିଆରେ ଦୁଷ୍କର୍ମକାରୀଙ୍କୁ ସର୍ବସମ୍ମୁଖରେ ମୁଣ୍ଡକୁ ଗୁଳି କରି ହତ୍ୟା କରାଯିବାର ଆଇନ ରହିଛି। ସେହିପରି ସାଉଦି ଆରବରେ ସବୁଠାରୁ କଡ଼ା ଆଇନ ଲାଗୁ କରାଯାଇଛି। ଏଠାରେ ପ୍ରଚଳିତ ଇସଲାମିକ ଆଇନ ସରିୟା ଅନୁସାରେ ଦୁଷ୍କର୍ମକାରୀଙ୍କୁ ଦଣ୍ଡ ଦିଆଯାଇଥାଏ। ଯଦି ଏଠାରେ କେହି କୌଣସି ଦୁଷ୍କର୍ମ ଘଟଣାରେ ଦୋଷୀ ସାବ୍ୟସ୍ତ ହୁଏ, ତା'ହେଲେ ତା'କୁ ଫାଶୀ ଠାରୁ ଆରମ୍ଭ କରି ମୁଣ୍ଡ କାଟ ଓ ଗୁପ୍ତାଙ୍ଗ କାଟିବାର ଦଣ୍ଡ ଦିଆଯାଏ। ପୋଲାଣ୍ଡରେ ବି ଦୁଷ୍କର୍ମକାରୀଙ୍କୁ ନୁପୁଂସକ କରିବାର ବ୍ୟବସ୍ଥା ରହିଛି। ଇରାକରେ କେହି ଦୁଷ୍କର୍ମ କଲେ, ତା'କୁ ସର୍ବସମ୍ମୁଖରେ ଟାଙ୍ଗି ଦିଆଯାଏ। ଏହାପରେ ଲୋକମାନେ ତା'କୁ ପଥର ମାରିମାରି ହତ୍ୟା କରନ୍ତି।

# 'ବ୍ୟକ୍ତିଗତ ସମ୍ପର୍କ ଓ ପସନ୍ଦରେ ହସ୍ତକ୍ଷେପ କରାଯାଇପାରିବ ନାହିଁ'

**ଆହ୍ଲାବାଦ :** ଉତ୍ତରପ୍ରଦେଶର କୁଶିନଗରର ଜଣେ ବାସିନ୍ଦା ସଲାମତ୍ ଅନ୍‌ସାରୀ ପ୍ରିୟଙ୍କା ଖରଓ୍ୱାରଙ୍କୁ ୨୦୧୯ ଅଗଷ୍ଟରେ ବିବାହ କରିଥିଲେ। ଦୁହେଁ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ପ୍ରିୟଙ୍କାଙ୍କ ବାପା ଏହାକୁ ବିରୋଧ କରି ସଲାମତ୍‌ଙ୍କ ବିରୋଧରେ ଆହ୍ଲାବାଦ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ତେବେ ହାଇକୋର୍ଟ ମଙ୍ଗଳବାର ଏହି ମାମଲାକୁ ଖାରଜ କରି କହିଛନ୍ତି, ବ୍ୟକ୍ତିଗତ ସମ୍ପର୍କ କ୍ଷେତ୍ରରେ ହସ୍ତକ୍ଷେପ କରାଗଲେ ତାହା ଦୁଇଜଣଙ୍କ ପସନ୍ଦ ଅଧିକାରରେ ବାଧା ସୃଷ୍ଟି କରିବ। ଲଭ୍ ଜିହାଦ୍ ନେଇ ଏବେ ବିତର୍କ ଚାଲିଥିଲା ବେଳେ ଆହ୍ଲାବାଦ ହାଇକୋର୍ଟଙ୍କ ଏହି ଫଇସଲା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେ କରାଯାଉଛି। ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବିବେକ ଅଗ୍ରଓ୍ୱାଲଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି, ଆମେ ପ୍ରିୟଙ୍କା ଖରଓ୍ୱାର ଓ ସଲାମତ୍ ଅନ୍‌ସାରୀଙ୍କୁ ହିନ୍ଦୁ ଓ ମୁସ୍‌ଲିମ୍ ଦୃଷ୍ଟିରେ ଦେଖୁନାହୁଁ। ବରଂ ଦୁହେଁ ସାବାଳକ ହୋଇଥିବାରୁ ସେମାନେ ନିଜ ଇଚ୍ଛା ଓ ପସନ୍ଦରେ ବିବାହ କରି ବର୍ଷେରୁ ଉର୍ଦ୍ଧ୍ୱ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର ରହିଲେଣି। ସମ୍ବିଧାନର ୨୧ ଧାରାରେ ଜଣେ ନାଗରିକର ବ୍ୟକ୍ତି ସ୍ୱାଧୀନତା ସୁନିଶ୍ଚିତ କରାଯାଇଛି। ଉଲ୍ଲେଖଯୋଗ୍ୟ ପ୍ରିୟଙ୍କା ସଲାମତ୍‌ଙ୍କୁ ବିବାହ କରିବା ଲାଗି ଧର୍ମ ପରିବର୍ତ୍ତନ କରିବା ସହ ନାମ ପରିବର୍ତ୍ତନ କରିଥିଲେ। ସେ ପ୍ରିୟଙ୍କାରୁ ଏବେ ଆଲିଆ ନାମ ଧାରଣ କରିଛନ୍ତି। ବିଜେପି ଶାସିତ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶରେ ଲଭ୍ ଜିହାଦ ରୋକିବା ପାଇଁ ସମ୍ପୃକ୍ତ ସରକାର ଆଇନ ପ୍ରଣୟନ କରିବାକୁ ଯୋଜନା କରିବା ପରିପ୍ରେକ୍ଷୀରେ ଆହ୍ଲାବାଦ ହାଇକୋର୍ଟ ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତେବେ ଏହି ରାୟ ଅନୁରୂପ ଦୁଇଟି ମାମଲାରେ କୋର୍ଟ ଦେଇଥିବା ରାୟର ବିରୁଦ୍ଧାଚରଣ କରୁଛି। ପୂର୍ବରୁ ଦୁଇଟି ରାୟରେ ବିବାହ କରିବା ଆଳରେ ଧର୍ମ ପରିବର୍ତ୍ତନ ଆଇନତଃ ବୈଧ ନୁହେଁ ବୋଲି କୋର୍ଟ ଦର୍ଶାଇଥିଲେ।

**କୋଭିଡ୍-୧୯ ପାଇଁ ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଜାରି**

# ରାଜ୍ୟ ଜାରି କରିପାରିବେ ରାତ୍ରି କର୍ଫ୍ୟୁ

**ନୂଆଦିଲ୍ଲୀ :** ଦେଶରେ କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଡିସେମ୍ବର ମାସ ପାଇଁ ନୂତନ ନିର୍ଦ୍ଦେଶାବଳୀ ସହିତ ସମ୍ବଳିତ କୋଭିଡ୍-୧୯ ଗାଇଡଲାଇନ୍ ବା ମାର୍ଗଦର୍ଶିକା ଜାରି କରିଛି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡିକରେ ଏହି ନିର୍ଦ୍ଦେଶାବଳୀ ଆସନ୍ତା ଡିସେମ୍ବର ୧,୨୦୨୦ ଠାରୁ କାର୍ଯ୍ୟକାରୀ ହେବ ଏବଂ ଡିସେମ୍ବର ୨୧,୨୦୨୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ନୂତନ ନିର୍ଦ୍ଦେଶାବଳୀରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ କୋଭିଡ୍-୧୯ ସଂକ୍ରମଣର ବିସ୍ତାରକୁ ରୋକିବା ପାଇଁ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛନ୍ତି। ଏହି କ୍ଷମତା ବଳରେ ପରିସ୍ଥିତିକୁ ଆକଳନ କରି ଆବଶ୍ୟକ ସ୍ଥଳେ ରାଜ୍ୟ ସରକାରମାନେ ଆବଶ୍ୟକୀୟ ସ୍ଥାନୀୟ ପ୍ରତିବନ୍ଧକ ଲଗାଇପାରିବେ। ସଂକ୍ରମଣକୁ ରୋକିବା ପାଇଁ




ଯଦି ରାତି କର୍ଫ୍ୟୁର ଆବଶ୍ୟକତା ପଡେ ତେବେ ସେ କ୍ଷେତ୍ରରେ ରାଜ୍ୟ ସରକାରମାନେ ନିଜ ନିଜ ରାଜ୍ୟରେ ରାତି କର୍ଫ୍ୟୁ ଲଗାଇ ପାରିବେ। କିନ୍ତୁ କେନ୍ଦ୍ର ସରକାରଙ୍କ ସହିତ ପରାମର୍ଶ ନକରି କଣ୍ଟେନମେଣ୍ଟ ଜୋନ୍ ବାହାରେ କୌଣସି ପ୍ରକାରର ସ୍ଥାନୀୟ ଲକଡାଉନ୍ (ରାଜ୍ୟ / ଜିଲ୍ଲା / ଉପଖଣ୍ଡ / ସହରସ୍ତର) ଲଗାଇପାରିବେ ନାହିଁ। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଦେଶର ଛଅଟି ଭିନ୍ନ ଭିନ୍ନ ରାଜ୍ୟର ରାଜ୍ୟ ସରକାରମାନେ କୋଭିଡ୍-୧୯ ସଂକ୍ରମଣକୁ ରୋକିବା ପାଇଁ ନିଜ ନିଜ ରାଜ୍ୟରେ ରାତି କର୍ଫ୍ୟୁ ଲଗାଇ ସାରିଛନ୍ତି। ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଗୁଡିକ ମଧ୍ୟ ଅଫିସରେ ସାମାଜିକ ଦୂରତା ନିୟମକୁ ବାଧ୍ୟତାମୂଳକ ଓ କଡାକଡି କରିବେ। ଯେଉଁ ସହର ଗୁଡିକରେ, ସାପ୍ତାହିକ କେସ୍ ଜିଟିଭିଟି ହାର ୧୦ ପ୍ରତିଶତରୁ ଅଧିକ, ସେ କ୍ଷେତ୍ରରେ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ସରକାରମାନେ ଏକ ସମୟରେ ଅଫିସରେ ଯୋଗ ଦେଉଥିବା କର୍ମଚାରୀଙ୍କ ସଂଖ୍ୟା ହ୍ରାସ କରିବା ଉଦ୍ଦେଶ୍ୟରେ ଅଫିସ ସମୟରେ ଅଦଳ ବଦଳ ଏବଂ ଅନ୍ୟାନ୍ୟ ଉପଯୁକ୍ତ ପଦକ୍ଷେପ କାର୍ଯ୍ୟକାରୀ କରିବାକୁ ବିଚାର କରିପାରିବେ। ଆନ୍ତଃରାଜ୍ୟ ବା ରାଜ୍ୟ ରାଜ୍ୟ ମଧ୍ୟକୁ ଯାତାୟାତ କିମ୍ବା ମାଲ ପରିବହନ କ୍ଷେତ୍ରରେ କୌଣସି ପ୍ରକାରର ପ୍ରତିବନ୍ଧକ ରହିବ ନାହିଁ। ଅସୁରକ୍ଷିତ ଥିବା ବ୍ୟକ୍ତି ବିଶେଷଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାରର ଆବଶ୍ୟକୀୟ ପଦକ୍ଷେପ ନେବେ। ଏଥିସହ ଦୁର୍ବଳ ବ୍ୟକ୍ତି ଯଥ ୬୫ ବର୍ଷରୁ ଅଧିକ ବ୍ୟକ୍ତି, ରୋଗଗ୍ରସ୍ତ ବ୍ୟକ୍ତି, ଗର୍ଭବତୀ ମହିଳା ଏବଂ ୧୦ ବର୍ଷରୁ କମ୍ ପିଲାମାନେ, ଆବଶ୍ୟକୀୟ ସ୍ୱାସ୍ଥ୍ୟ ଆବଶ୍ୟକତା ପୂରଣ କରିବା ସହ ସେମାନଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ପରିସ୍ଥିତିର ଆବଶ୍ୟକତା ଦୃଷ୍ଟିରୁ ପ୍ରତ୍ୟେକଙ୍କୁ ନିଜ ନିଜ ମୋବାଇଲରେ ଆରୋଗ୍ୟ ସେତୁ ଆପ୍‌ର ବ୍ୟବହାର ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନେ ଉତ୍ସାହିତ କରିବେ।

# ପଞ୍ଚାୟତିରାଜ ବିଭାଗ ପାଇଁ ୨୨୫୨.୮୪ କୋଟି

**ଭୁବନେଶ୍ୱର :** ଶନିବାର ବିରୋଧୀଙ୍କ ପ୍ରବଳ ହୋ ହଲ୍ଲା ମଧ୍ୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ପାରିତହୋଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ସାମଗ୍ରିକ ବ୍ୟୟ ଅଟକଳ ୧୮,୧୦୫.୮୪ କୋଟି ରଖାଯାଇଥିଲା। ଚଳିତ ଆର୍ଥିକ ବର୍ଷର ଅତିରିକ୍ତ ବଜେଟକୁ ପରିବର୍ଦ୍ଧିତ କରିବା ପାଇଁ ୨୨୫୨.୮୪ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ଆଗତ ହୋଇଥିବା ବେଳେ ତାହା ପାରିତ ହୋଇଛି। ଯାହା ମଧ୍ୟରୁ ୨୨୪୧.୩୪ କୋଟି ଟଙ୍କା କାର୍ଯ୍ୟକ୍ରମ ବାବଦରେ ଖର୍ଚ୍ଚପାଇଁ ଧାର୍ଯ୍ୟ ହୋଇଥିବା ସ୍ଥଳେ ପ୍ରଶାସନିକ ଖର୍ଚ୍ଚ ରୂପେ ୧୧.୫୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଆଲୋଚିତ ହୋଇପାରିନଥିବା ୪୨ଟି ବିଭାଗର ଖର୍ଚ୍ଚ ଦାବି ଗିଲୋଟିନରେ ପାରିତ ହୋଇଛି। ଶନିବାର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ଆରମ୍ଭ କରି କଂଗ୍ରେସ ବିଧାୟକ ଅଧିରରାଜ ମୋହନ ପାଣିଗ୍ରାହୀ ରାଜ୍ୟ ସରକାରଙ୍କୁ ପ୍ରବଳ ସମାଲୋଚନା କରିଥିଲେ। ପଞ୍ଚାୟତସ୍ତରରେ ପିସି କାରବାର ଚରମ ସୀମାରେ ପହଞ୍ଚିଥିବା ବେଳେ ଯୋଜନାକୁ ସଠିକ ଢଙ୍ଗରେ କାର୍ଯ୍ୟନ୍ୱୟନ କରିବାରେ ରାଜ୍ୟ



ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଅଧିରାଜ ଅଭିଯୋଗ କରିଥିଲେ। କଂଗ୍ରେସ ବିଧାୟକ ନରସିଂହ ମିଶ୍ର ୨୦ ବର୍ଷର ଶାସନ ମଧ୍ୟରେ ପଞ୍ଚାୟତିରାଜକୁ ଆବଶ୍ୟକୀୟ କ୍ଷମତା ଦିଆଯାଇ ନାହିଁ ବୋଲି ଅଭିଯୋଗ କରିଥିଲେ। ବିଜୁ ପକ୍କାଘର ଠାରୁ ପିଏମ୍ ଆବାସ ଯୋଜନାରେ ପୁଳାପୁଳା ଦୁର୍ନୀତି ହେଉଥିବା ନେଇ ସେ ଅଭିଯୋଗ କରିଥିବା ବେଳେ ବଲାଙ୍ଗୀରରେ କିପରି ଦୁର୍ନୀତି ହେଉଛି ସେନେଇ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଆଲୋଚନାରେ ଭାଗ ନେଇ ଶାସକ ଦଳ ବିଧାୟକ ଅତନୁ ସବ୍ୟସାଚୀ ନାୟକ ରାଜ୍ୟ ସରକାରଙ୍କ ସଫଳତା ବଖାଣିଥିଲେ। ଓଡ଼ିଶାର କୋଭିଡ ପରିଚାଳନା ମଡେଲ ବିଶ୍ୱବ୍ୟାପୀ ପ୍ରଶଂସିତ ହୋଇଥିବା ବେଳେ ଏଥିରେ ପଞ୍ଚାୟତିରାଜ ବିଭାଗର ବଡ଼ ଭୂମିକା ରହିଥିବା ସେ ଦର୍ଶାଇଥିଲେ । ବସୁଧା ଯୋଜନାରେ ପାନୀୟ ଜଳ, ଗାଁ ଗାଁରେ ପକ୍କା ରାସ୍ତା ଏହି ବିଭାଗ ଜରିଆରେ ସୁନ୍ଦର ଭାବେ କାର୍ଯ୍ୟନ୍ୱୟନ ହେଉଛି। ୨୦୦୦ ମସିହାରେ ଶାସନକୁ ଆସିବା ପରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର କିପରି ରାଜ୍ୟରଚିତ୍ରକୁ ବଦଳାଇଛନ୍ତି ସେ ନେଇ ଶ୍ରୀ ନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶାସକ ଦଳ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ସୁଧୀର ସାମଲ ଓ ଲତିକା ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବାଚନିକ ଭୋଟରେ ଖର୍ଚ୍ଚଦାବୀ ଗୃହୀତ ହୋଇଥିଲା।

## ୬ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତ



**ଭୁବନେଶ୍ୱର :** ଓଡ଼ିଶା ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ରାଜ୍ୟର ୬ଟି ବିଶ୍ୱବିଦ୍ୟାଳୟରେ କୁଳପତିଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରଫେସର ଅପରାଜିତା ଚୌଧୁରୀଙ୍କୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ପ୍ରଫେସର ସବିତା ଆଚାର୍ଯ୍ୟଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ, ପ୍ରଫେସର ଦୀନବନ୍ଧୁ ସାହୁଙ୍କୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ, ପ୍ରଫେସର ଏନ୍.ନାଗାର୍ଜୁନଙ୍କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ପ୍ରଫେସର କିଶୋର କୁମାର ବାସାଙ୍କୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ମିଳିଛି। ପ୍ରଫେସର ଅପରାଜିତ ଚୌଧୁରୀ ହେଉଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଏବଂ ୩୭ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଅଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଚେୟାରମ୍ୟାନ୍ ଥିବା ସବିତା ଆଚାର୍ଯ୍ୟଙ୍କର ୩୧ ବର୍ଷର ଅଧ୍ୟାପନା ଅଭିଜ୍ଞତା ରହିଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀନବନ୍ଧୁ ସାହୁଙ୍କ ୨୬ ବର୍ଷର ଅଧ୍ୟାପନାରେ ଅଭିଜ୍ଞତା ଥିବା ବେଳେ କର୍ଣ୍ଣାଟକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଏନ୍.ନାଗାର୍ଜୁନଙ୍କ ୩୪ ବର୍ଷର ଅଧ୍ୟାପନା ଅଭିଜ୍ଞତା ଅଛି। ଟାଗୋର ନ୍ୟାସନାଲ ଫେଲୋ, ଭାରତ ସରକାରଙ୍କ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର କିଶୋର କୁମାର ବସାଙ୍କ ୩୮ ବର୍ଷର ଅଧ୍ୟାପନାରେ ଅଭିଜ୍ଞତା ହାସଲ କରିଥିବା ବେଳେ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗରେ ୩୫ ବର୍ଷର ଅଭିଜ୍ଞତା ରହିଛି। ସୂଚନାଥାଉ କି, ଉପରୋକ୍ତ ୬ଟି ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବା କୁଳପତିମାନଙ୍କର ଚଳିତ ମାସରେ କାର୍ଯ୍ୟକାଳ ଶେଷ ହେବ।

### କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଉ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଡା. ରମେଶ ପୋଖରିଆଲ ନିଶାଙ୍କଙ୍କୁ ଚିଠି ଲେଖି ଏହି ପ୍ରସଙ୍ଗରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରେ ଏବଂ ବିଶେଷ ଭାବରେ ଭୁବନେଶ୍ୱର ନିକଟରେ ଦ୍ୱିତୀୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଓଡ଼ିଶାର ଶିକ୍ଷାବିତ ମାନେ ଦୀର୍ଘ ଦିନରୁ ଦାବୀ କରି ଆସୁଛନ୍ତି। ବିହାର ଏବଂ ଆନ୍ଧ୍ରପ୍ରଦେଶ ଭଳି ପଡୋଶୀ ରାଜ୍ୟ ସହ ତୁଳନା କରାଗଲେ ବିହାରରେ ୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି ଏବଂ ଆନ୍ଧ୍ରପ୍ରଦେଶରେ ୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି। ମାତ୍ର ଅପରପକ୍ଷରେ ଓଡ଼ିଶାରେ କେବଳ କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରହିଛି ଏବଂ ଏହା ଦ୍ୱାରା କେବଳ ଦକ୍ଷିଣ ଓଡ଼ିଶାର ଛାତ୍ରଛାତ୍ରୀମାନେ ଲାଭ ପାଉଛନ୍ତି। ଶ୍ରୀ ପ୍ରଧାନ ଚିଠିରେ କହିଛନ୍ତି ଭୁବନେଶ୍ୱର ଆଗାମୀ ଦିନରେ ପୂର୍ବ ଭାରତର ଅର୍ଥନୀତି ଓ ଶିକ୍ଷା କ୍ଷେତ୍ରର ପେଡଂରସ୍ଥଳି ହେବ। ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଲେ ଉପକୂଳ ଏବଂ ପୂର୍ବ ଓଡ଼ିଶାର ଛାତ୍ରଛାତ୍ରୀମାନେ ଉପକୃତ ହେବା ସହ ଏହି ଅଂଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାସହ ଶିଳ୍ପ ଓ ଶିକ୍ଷାବିତଙ୍କ ମଧ୍ୟରେ ସମନ୍ୱୟ ତିଆରି ହେବା ସହ ଅତ୍ୟାଧୁନିକ ଗବେଷଣାକୁ ପ୍ରୋତ୍ସାହନ ଦେବ। ୭୫ ବର୍ଷର ଐତିହ୍ୟ ଏବଂ ପରମ୍ପରାର ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ତଥା ଓଡ଼ିଶାର ଛାତ୍ରଛାତ୍ରୀଙ୍କ ଆବଶ୍ୟକତା, କଲ୍ୟାଣ ଏବଂ ଦେଶର ଉଚ୍ଚ ଶିକ୍ଷା ଅନୁଷ୍ଠାନକୁ ସଶକ୍ତ କରିବା, ଗବେଷଣାକୁ ପ୍ରୋତ୍ସାହନ ଦେବା ସହ ଶିଳ୍ପଯୋଗୀ ମାନବ ସମ୍ବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିକୁ ଧ୍ୟାନରେ ରଖି ଉତ୍କଳ ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାବରେ ମାନ୍ୟତା ଦେବା ପାଇଁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

## ଜିଲ୍ଲାରେ ରବି ଋତୁ ଚାଷ ପାଇଁ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ

**ଜଗତସିଂହପୁର :** ଜଗତସିଂହପୁର ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ସରୋଜ କୁମାର ମିଶ୍ର ଅଧକ୍ଷତା କରି କହିଥିଲେ ଯେ ଜଗତସିଂହପୁର ଏକ କୃଷି ପ୍ରଧାନ ଜିଲ୍ଲା। ଆସନ୍ତା ରବି ଋତୁରେ ଜିଲ୍ଲାର ୯୯୫୦୦ ହେକ୍ଟର ଜମିରେ ରବିଚାଷ କରାଯିବା ସହିତ ଡାଲି ଜାତୀୟ ଫସଲ, ତୈଳବୀଜ ଓ ପନିପରିବା ଚାଷ ପାଇଁ ଉନ୍ନତ ମାନର ବିହନ, ସାର ଓ କୀଟନାଶକ ଔଷଧ ଚାଷୀ ମାନଙ୍କୁ ଯୋଗାଂ ଦେବାକୁ କୃଷି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମିଶ୍ର ପ୍ରକାଶ କରିଥିଲେ ଯେ ଚାଷୀ ମାନଙ୍କୁ ବାସୁମତୀ ଧାନ ପରି ଅତି ଉନ୍ନତ ମାନର ବାସନା ଧାନ ଚାଷ ନିମନ୍ତେ ଚାଷୀ ମାନଙ୍କୁ ପ୍ରୋତ୍ସାହିତ କରିବାକୁ କୃଷି ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ରାସାୟନିକ ସାର ବ୍ୟତୀତ ଜୈବୀକ ସାର ବ୍ୟବହାର କରିବାକୁ କହିଥିଲେ। ରବି ଫସଲ ପାଇଁ ଜଳସେଚନ ଏବଂ ମାଟିର ଆଦ୍ରତାକୁ ଦୃଷ୍ଟିରେ ରଖି ୧୫୭୦ ହେକ୍ଟର ଜମିରେ ଧାନ ଚାଷ, ୧୧୦ହେକ୍ଟର ଜମିରେ ମକା ଚାଷ, ୪୬୪୪୦ ହେକ୍ଟର ଜମିରେ ମୁଗ ଚାଷ, ୧୫୨୧୦ ହେକ୍ଟର ଜମିରେ ବିରି ଚାଷ ଓ ୧୯୦୫ ହେକ୍ଟର ଜମିରେ କୋଳଥ ଚାଷ କରିବା ପାଇଁ ଲକ୍ଷ ରଖାଯାଇଛି। ତୈଳବୀଜ ଚାଷ ପାଇଁ ବାଦାମ, ସୋରିଷ, ସୁର୍ଯ୍ୟମୁଖୀ, ପିଆଜ, ରସୁଣ, ଆଳୁ, ଲଙ୍କା, ଧନିଆ ଓ ପାଳଙ୍ଗ ଇତ୍ୟାଦି କରିବା ପାଇଁ ଆଲୋଚନା ମଧ ହୋଇଥିଲା । ଏହା ଛଡା ଚଳିତ ରବି ଋତୁରେ ୪୭୭୭୯ ହେକ୍ଟର ଜମିରେ ଜଳ ସେଚନ ସୁବିଧା କରାଯିବା ସହିତ ୩୬୬୯ ମେଟ୍ରିକ ଟନ୍ ସାର ପ୍ରୟୋଗ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ମଧ କରାଯିବ। ଏହି ବୈଠକରେ ଯୋଗ ଦେଇ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କୁମାର ମହାନ୍ତି ଡାଲି ଓ ତୈଳବୀଜ ଫସଲକୁ ପ୍ରାଧାନ୍ୟ ଦେବା ସହିତ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କୃଷି ଯୋଜନା ଓ ପ୍ରୋତ୍ସାହନ ସମ୍ପର୍କରେ ଚାଷୀ ମାନଙ୍କୁ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ସମବାୟ ନିବନ୍ଧକ, ଜଳସେଚନ ଓ ଉଠା ଜଳସେଚନ ବିଭାଗ ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ ଓ ବ୍ଲକ କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ଲୋକାୟୁକ୍ତରେ ପିପିଇ କିଟ୍, ମାସ୍କ କିଣା ଦୁର୍ନୀତି ମାମଲା

## ୭ରେ ଚୂଡାନ୍ତ ଶୁଣାଣି

**ଭୁବନେଶ୍ୱର :** ବହୁ ଚର୍ଚ୍ଚିତ ମାସ୍କ ଏବଂ ଅନ୍ୟାନ୍ୟ କୋଭିଡ୍ ଜିନିଷପତ୍ର କିଣା କେଳେଙ୍କାରୀକୁ ନେଇ ଲୋକାୟୁକ୍ତରେ ହୋଇଥିବା ମାମଲାର ଶୁଣାଣି ହୋଇଛି। କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସଙ୍କ ଦ୍ୱାରା ଦାୟର ହୋଇଥିବା ଏହି ମାମଲାର ଗତ ନଭେମ୍ବର ୪ ତାରିଖରେ ଶୁଣାଣି ସମୟରେ କେଉଁ ପରିପ୍ରେକ୍ଷୀରେ କ୍ରୟ କମିଟିର ଅଧକ୍ଷ ଭାବରେ ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ଅପସାରଣ କରାଗଲା ତା’ର ଉତ୍ତର ରଖିବାକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ନିର୍ଦ୍ଦେଶ ମୁତାବକ ଆଜି ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଓଡ଼ିଶା ସରକାରଙ୍କ ପ୍ରମୁଖ ଶାସନ ସଚିବ ସଂଜୀବ ଚୋପ୍ରା ଉତ୍ତର ରଖିଥିଲେ। ମାତ୍ର ଏହି ଉତ୍ତରରେ ଲୋକାୟୁକ୍ତ କୁଆଡେ ସହମତ ହୋଇ ନଥିବା ସୂଚନା ମିଳିଛି। କ୍ରୟ କମିଟି ଅଧକ୍ଷଙ୍କୁ ଅପସାରଣ ସମ୍ପର୍କିତ ଦସ୍ତାବିଜ୍ ଉପସ୍ଥାପନ ନକରି ମୁଖ୍ୟ ଶାସନ ସଚିବଙ୍କ ପକ୍ଷରୁ ଉପସ୍ଥାପିତ ଲିଖିତ ଉତ୍ତରକୁ ନେଇ ଲୋକାୟୁକ୍ତ ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ଏହାସହ ମାମଲାର ଚୂଡାନ୍ତ




ଶୁଣାଣି ଡିସେମ୍ବର ୭ ତାରିଖକୁ କରାଯିବ ବୋଲି ଲୋକାୟୁକ୍ତ ଧାର୍ଯ୍ୟ କରିବା ସହ ଉଭୟ ପକ୍ଷକୁ ପ୍ରସ୍ତୁତ ହୋଇ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଦିନ ଲୋକାୟୁକ୍ତଙ୍କ ପୂର୍ଣ୍ଣ ବେଞ୍ଚରେ ମାମଲାର ଶୁଣାଣି କରାଯିବ ବୋଲି ଜଣାପଡିଛି। ଲୋକାୟୁକ୍ତର ଅଧକ୍ଷ ନ୍ୟାୟମୂର୍ତ୍ତି ଅଜିତ୍ ସିଂ ଏବଂ ନ୍ୟାୟମୂର୍ତ୍ତି ବିକେ ନାୟକ ଆଜି ମାମଲାର ଶୁଣାଣି କରିଥିବା ବେଳେ ଆବେଦନକାରୀ ତଥା କଂଗ୍ରେସ ମୁଖପାତ୍ର ସୁଦର୍ଶନ ଦାସ, କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ ଓ ବିଜୟ ପ୍ରଧାନ ଉପସ୍ଥିତ ଥିଲେ।


### ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ ବିଲ୍ ପାରିତ

## ଶିଳ୍ପାଞ୍ଚଳରେ ହେବ ସାମାଜିକ ଭିତ୍ତିଭୂମିର ବିକାଶ

**ଭୁବନେଶ୍ୱର :** ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ (ସଂଶୋଧନ) ବିଲ୍ ବିଧାନସଭାରେ ପାରିତ ହୋଇଛି। ପୂର୍ବ ଅଧିନିୟମରେ ନିଗମ ତା’ କାର୍ଯ୍ୟକୁ ବ୍ୟାପକ କରିବାରେ ପ୍ରାବଧାନ ନଥିବାରୁ ଏହାକୁ ସମୟୋପଯୋଗୀ କରିବା ଉଦ୍ଦେଶ୍ୟରେ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଫଳରେ ନିଗମ ଶିଳ୍ପାଞ୍ଚଳ ଭିତ୍ତିଭୂମି ସହିତ ସାମାଜିକ ଭିତ୍ତିଭୂମିର ବିକାଶ କରାଯିବ। ରାସ୍ତା ବିଦ୍ୟୁତ୍‌କରଣ, ସ୍ୱେରେଜ୍, ବହିଃସ୍ରୋତ ଉପଚାର ଭଳି କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପାଦନ କରିବାରେ ଆଇନତଃ ଅଧିକୃତ ହୋଇପାରିବ। ଏହି ସାମାଜିକ ଭିତ୍ତିଭୂମିରେ ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ଭୋଜନାଳୟ, ମଲ୍ଟିପ୍ଲେକ୍ସ, ବାଣିଜ୍ୟକେନ୍ଦ୍ର, ସ୍ୱାସ୍ଥ୍ୟସେବା ସୁବିଧାସୁଯୋଗ, ଆରାମ ଆନନ୍ଦଦାୟକ ପର୍ଯ୍ୟଟନସ୍ଥଳ, କ୍ରୀଡ଼ାକେନ୍ଦ୍ର, ପର୍ଯ୍ୟଟନ ପ୍ରକଳ୍ପ ଆଦି ସାମିଲ୍ ରହିଛି। ଏହାସହ ଏହି ଅଧିନିୟମରେ ଇଡ୍‌କୋ ଦ୍ୱାରା କରାଯାଇଥିବା ଜମି ଅଧିଗ୍ରହଣକୁ ନୂତନ ଆଇନ କାର୍ଯ୍ୟକାରୀ କରି କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନରେ ସ୍ୱଚ୍ଛତା, ପୁର୍ନବାସ ଓ ଥଇଥାନ ଆଦି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ସେହିପରି ଇଡ୍‌କୋ ନିର୍ଦ୍ଦେଶକ ମଣ୍ଡଳୀରେ ଚେୟାରମ୍ୟାନ୍, ଓଏସ୍‌ଇବି ବଦଳରେ ଗ୍ରୀଡ୍‌କୋ କର୍ପୋରେସନ୍ ଅଫ୍ ଓଡ଼ିଶା ଅଧକ୍ଷ ଏବଂ ଜନସ୍ୱାସ୍ଥ୍ୟ ମୁଖ୍ୟଯନ୍ତ୍ରୀ ବଦଳରେ ଯୋଜନା ନିର୍ଦ୍ଦେଶକକୁ ପରିବର୍ତ୍ତନ ହେବ। କୌଣସି ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେବା ପରେ ତା’ର ପରିଚାଳନା ଓ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଉନ୍ନୟନ ଓ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇଛି। ପୂର୍ବରୁ ଇଡ୍‌କୋ ଦ୍ୱାରା ଅଧିକୃତ ଜମିକୁ ବିକ୍ରି ଓ ବଦଳ କରିବା ପ୍ରାବଧାନ ଥିଲା। ତେବେ ଏହି ନୂଆ ବିଧେୟକରେ ବନ୍ଧକ ରଖିବା ପାଇଁ ବ୍ୟବସ୍ଥା ଯୋଡ଼ା ଯାଇଛି। ମୁଖ୍ୟ କାର୍ଯ୍ୟନିର୍ବାହୀମାନେ ଏଣିକି ନୂତନ ବିଧେୟକ ଅନୁଯାୟୀ ଅନ୍ୟ ଅଧିକାରୀମାନଙ୍କୁ କ୍ଷମତା ହସ୍ତାନ୍ତର କରିପାରିବେ। ସୋମବାର ଏହି ବିଲ୍‌କୁ ଗୃହରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉପସ୍ଥାପନ କରିଥିବାବେଳେ ସମୟ ଅଭାବରୁ ଏହା ଉପରେ ଆଲୋଚନା ହୋଇପାରିନଥିଲା। ତେବେ ଆଜି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଆଲୋଚନା ଆରମ୍ଭ କରି କହିଥିଲେ, କେନ୍ଦ୍ର ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏ ବିଲ୍ ଆସିଛି। ଜନସାଧାରଣ ନୁହେଁ, ଶିଳ୍ପପତିଙ୍କ ପାଇଁ ଏହି ବିଲ୍। ଶିଳ୍ପାଞ୍ଚଳ ଘୋଷିତ ହୋଇଥିବା ସ୍ଥାନ ପାଇଁ ଏହି ବିଲ୍ ପ୍ରଯୁଜ୍ୟ। ଅନ୍ୟପକ୍ଷରେ ଶାସକ ଦଳ ସଦସ୍ୟ ରୋହିତ ପୂଜାରୀ କହିଥିଲେ, ଓଡ଼ିଶା ସରକାରଙ୍କ ଶିଳ୍ପନୀତି ପାଇଁ ନିବେଶକଙ୍କ ଆଗ୍ରହ ବଢ଼ିଛି। କରୋନାବେଳେ ବି ଓଡ଼ିଶାରେ ନିବେଶ କରିବାକୁ ବହୁ ଶିଳ୍ପସଂସ୍ଥା ଇଚ୍ଛାପ୍ରକାଶ କରିଛନ୍ତି। ଜମି ହରାଉଥିବା ଲୋକଙ୍କୁ କ୍ଷତିପୂରଣ ଓ ସଠିକ୍ ଭାବେ କିପରି ଥଇଥାନ କରାଯାଇପାରିବ, ତାହା ଏହି ବିଲ୍‌ରେ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଓଡ଼ିଶା ଶିଳ୍ପାୟନର ଶ୍ରେଷ୍ଠ ହବ୍ ହେବାକୁ ଯାଉଛି। ଏହି ବିଲ୍ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସେହିପରି ପ୍ରୀତିରଞ୍ଜନ ଘଡ଼ାଇ ମଧ୍ୟ ଏହି ବିଲ୍‌କୁ ସମର୍ଥନ କରିଥିଲେ। ବିଜେପି ସଦସ୍ୟ ମୁକେଶ ମହାଲିଙ୍ଗ, କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂହ ସାଲୁଜା ଏହି ବିଲ୍ ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ମିଶ୍ର ତାଙ୍କ ଉତ୍ତରରେ କହିଥିଲେ, ଓଡ଼ିଶାର ସ୍ୱାର୍ଥ ଏବଂ ଓଡ଼ିଶାବାସୀଙ୍କ ପାଇଁ ଏହି ବିଲ୍। ଏହାଦ୍ୱାରା ଜନସାଧାରଣଙ୍କ ଅଶେଷ ସୁବିଧା ହେବ। ଶେଷରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହର ମତାମତ ନେଇ ବିଲ୍‌ଟିକୁ ପାରିତ କରାଇଥିଲେ।

# ଅତ୍ୟାବଶ୍ୟକ ସେବାର କର୍ମଚାରୀଙ୍କୁ ଧର୍ମଘଟ ମନା

**ଭୁବନେଶ୍ୱର :** ଏଣିକି ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀଙ୍କୁ ଧର୍ମଘଟ କରିବା ମହଙ୍ଗା ପଡ଼ିବ। ଧର୍ମଘଟ ଉପରେ ସରକାର ଅଙ୍କୁଶ ଲଗାଇଛନ୍ତି। ଯଦି କୌଣସି ଧର୍ମଘଟ ପାଇଁ ସାଧାରଣ ଲୋକଙ୍କ ସୁରକ୍ଷା ବିପନ୍ନ ହୁଏ, ତା’ହେଲେ ଆଇନାନୁସାରେ ଦଣ୍ଡ ବ୍ୟବସ୍ଥା ହେବ। ଏହାସହ ଯଦି ବେଆଇନ୍ ଧର୍ମଘଟକୁ କେହି ପ୍ରୋତ୍ସାହିତ କରେ କିମ୍ବା ତାକୁ ସମର୍ଥନ କରି ଆର୍ଥିକ ସହଯୋଗ କରେ, ସେହି ବ୍ୟକ୍ତିଙ୍କୁ ବର୍ଷେ ଜେଲ୍ ଦଣ୍ଡ କିମ୍ବା ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡ଼ିବ। ବିଧାନସଭାରେ ଆଜି ପାରିତ ହୋଇଥିବା ଓଡ଼ିଶା ଅତ୍ୟାବଶ୍ୟକୀୟ ସେବା (ରକ୍ଷଣାବେକ୍ଷଣ) ସଂଶୋଧନ ବିଲ୍‌ରେ ଏପରି ପ୍ରାବଧାନ ରହିଛି। ବିରୋଧୀ ବିଜେପି ଓ କଂଗ୍ରେସର ବିରୋଧ ସତ୍ତ୍ୱେ ବିଧାନସଭାରେ ଏହି ବିଲ୍ ପାରିତ ହୋଇଛି। ଏହି ବିଲ୍‌ର ପ୍ରାବଧାନ ଅନୁସାରେ- ଅଗ୍ନି ନିରାପତ୍ତା, ସାଧାରଣ ଶୃଙ୍ଖଳା, ଅବକାରୀ, ଜଙ୍ଗଲ, କାରାଗାର, ଖାଦ୍ୟ ଶସ୍ୟ କ୍ରୟ-ସଂଗ୍ରହ-ସଂରକ୍ଷଣ-ଯୋଗାଣ ଓ ବଣ୍ଟନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ଯୋଗାଯୋଗ ସହ ଜଡ଼ିତ ରାଜ୍ୟ ସରକାରଙ୍କ ନିୟନ୍ତ୍ରଣାଧୀନ କୌଣସି ସଂସ୍ଥା, ଉଦ୍ୟୋଗ ଅବା ଏଜେନ୍ସି ଯୋଗାଇ ଦେଉଥିବା ସେବାରେ ବ୍ୟାଘାତ ସୃଷ୍ଟି ହୋଇ ସାଧାରଣ ପ୍ରଶାସନ ବିପନ୍ନ ହେଉଥିବା ପରି ସେବା ଏବଂ ଯଦି ସରକାରଙ୍କ ବିଚାରରେ ଅନ୍ୟ ଯେକୌଣସି ସେବା କିମ୍ବା ପ୍ରସଙ୍ଗରେ ଧର୍ମଘଟ କାରଣରୁ କୌଣସି ସେବା ଓ ସୁରକ୍ଷା ବିପନ୍ନ ହୁଏ ତାହେଲେ ସେହି ସେବାଗୁଡ଼ିକ ସରକାରୀ ଅଧିସୂଚନା ମାଧ୍ୟମରେ ଅତ୍ୟାବଶ୍ୟକ ସେବା ଭାବେ ଅଧିସୂଚିତ ହେବ। ପୂର୍ବରୁ ଧର୍ମଘଟରେ ଅଂଶଗ୍ରହଣ କରିବା ବେଆଇନ ହୋଇଥିଲେ ବି ଏଥିରେ ଅଂଶଗ୍ରହଣ କରୁଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଅତ୍ୟାବଶ୍ୟକ ସେବା ଅଧିନିୟମରେ କୌଣସି ବ୍ୟବସ୍ଥା ନଥିଲା। ଏହି ସଂଶୋଧନ ଫଳରେ ଯଦି କୌଣସି କର୍ମଚାରୀ ଧର୍ମଘଟରେ ଅଂଶଗ୍ରହଣ କରନ୍ତି କିମ୍ବା ଅନ୍ୟକୁ ଧର୍ମଘଟ କରିବା ପାଇଁ ବା ଏଥିରେ ସାମିଲ୍ ହେବାକୁ ପ୍ରରୋଚିତ କରନ୍ତି, ତାହେଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବିଧାନସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ବିଲ୍ ଉପସ୍ଥାପନ କରି କହିଥିଲେ, ସାଧାରଣ ଜୀବନକୁ ସୁଗମ କରିବା ପାଇଁ କେତେକ ଅତ୍ୟାବଶ୍ୟକ ସେବାକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଓଡ଼ିଶା ଅତ୍ୟାବଶ୍ୟକ ସେବା (ରକ୍ଷଣାବେକ୍ଷଣ) ଅଧିନିୟମ, ୧୯୮୮ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହି ଅଧିନିୟମର କାର୍ଯ୍ୟ ପରିସର ଖୁବ୍ ସୀମିତ ଥିଲା। ଏହି ଅଧିନିୟମ ଅନ୍ତର୍ଗତ ସେବାଗୁଡ଼ିକର କାର୍ଯ୍ୟ ପରିସର ବିସ୍ତୃତ କରିବା ଲକ୍ଷ୍ୟରେ ଯେଉଁ ସେବା ବ୍ୟାହତ ହେଲେ ସାଧାରଣ ଜନଜୀବନ ପ୍ରଭାବିତ ହେବାର ସମ୍ଭାବନା ରହିଛି, ଏହି ଅଧିନିୟମର ସଂଶୋଧନକ୍ରମେ ସେହି ସେବାଗୁଡ଼ିକୁ ଏହାର ପରିସରଭୁକ୍ତ କରାଯାଇଛି। ଏହି ବିଲ୍‌କୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସ୍ୱାଗତ କରିବା ସହ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ବିଲ୍ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଏକ ସଂଶୋଧନ ପ୍ରସ୍ତାବ ରଖିଥିଲେ। ଏହି ବିଲ୍‌କୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ଏହା ମୁଖ୍ୟତଃ ଶ୍ରମିକ ଓ କର୍ମଚାରୀ ବିରୋଧୀ ଏବଂ ଜନସାଧାରଣଙ୍କ ପାଇଁ ନୁହେଁ। କର୍ମଚାରୀମାନେ ଆନ୍ଦୋଳନ କରିପାରିବେନି ବୋଲି ବ୍ୟବସ୍ଥା ରହିଛି। ଏହା ଅସାମ୍ବିଧାନିକ। ଗଣତନ୍ତ୍ର ଶାସନରେ ଏହା ହୋଇପାରିବନି। ଯଦି ସରକାର ବାସ୍ତବରେ ଲୋକଙ୍କ ସେବା ପାଇଁ ଏତେ ଚିନ୍ତିତ ତାହେଲେ ଯେଉଁଠି ମୌଳିକ ଅଧିକାର ପାଇବାରୁ ଜନସାଧାରଣ ବଞ୍ଚିତ ହେଉଛନ୍ତି, ସେ କ୍ଷେତ୍ରରେ ସରକାର କାହିଁକି ଦଣ୍ଡିତ ହେବେନି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। ଶାସକ ଦଳ ସଦସ୍ୟ ଅମର ଶତପଥୀ କହିଥିଲେ ଯେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସେବା ଯୋଗାଇବା ଏକ ଦାୟିତ୍ୱସମ୍ପନ୍ନ ସରକାରର କାମ। ଏହି ବିଲ୍ ନୂଆ ନୁହେଁ, ଅତ୍ୟାବଶ୍ୟକ ସେବାରେ ନିୟୋଜିତ କର୍ମଚାରୀ ଆନ୍ଦୋଳନ କଲେ ଅସୁବିଧା ହେବ। ବର୍ତ୍ତମାନ ଏହି ବିଲ୍‌ରେ ଅଧିକ ସେବା ଯୋଡ଼ିବା ଏବଂ ସଂଶୋଧନ କରି ଏହାର ପରିସର ବୃଦ୍ଧି କରିବାର ଆବଶ୍ୟକତା ରହିଛି। ପୂର୍ବରୁ ଏହା ସୀମିତ କ୍ଷେତ୍ରରେ ରହିଥିଲା। ଯେଉଁଠି ସେବା ବାଧାପ୍ରାପ୍ତ ହେଉଛି, ତା’ର ପ୍ରତିବନ୍ଧକକୁ ଦୂର କରିବା ସରକାରଙ୍କ କାମ। ସାଧାରଣ ଲୋକେ ଯେପରି କ୍ଷତିଗ୍ରସ୍ତ ହେବେନି, ସେହି ଉଦ୍ଦେଶ୍ୟରେ ଏହି ବିଲ୍ ଆସିଛି। ଲୋକଙ୍କ ପାଇଁ ଏହା ଉପାଦେୟ ହେବ। ସେହିପରି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ ଏହି ବିଲ୍‌କୁ ବିରୋଧ କରି କହିଥିଲେ, ବହୁଦିନ ଶାସନରେ ରହିବା ପରେ ସରକାର ଏ ପ୍ରକାର ମନୋଭାବ ପୋଷଣ କରିଛନ୍ତି। ଏ ନିୟମ ଭବିଷ୍ୟତରେ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ। ଉଦ୍ଦେଶ୍ୟ ରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କୁ ଡରାଇବାର ବ୍ୟବସ୍ଥା ହୋଇଛି। ସରକାର ଲୋକଙ୍କୁ ଦମନ ନକରିବା ଦରକାର। ଏହି ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଶ୍ରୀ ନାଏକ ଦାବି କରିଥିଲେ। ସେହିପରି ବିଜେପି ସଦସ୍ୟ ମୁକେଶ ମହାଲିଙ୍ଗ, କଂଗ୍ରେସ ସଦସ୍ୟ ସନ୍ତୋଷ ସିଂହ ସାଲୁଜା ଏବଂ ସୁରେଶ ରାଉତରାୟ ଏହି ବିଲ୍‌କୁ ବିରୋଧ କରିଥିଲେ। ଶ୍ରୀ ସାଲୁଜା ବିଲ୍‌କୁ ପ୍ରତ୍ୟାହାର କରାଯାଉ, ନଚେତ୍ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ଦାବି କରିଥିଲେ। କର୍ମଚାରୀଙ୍କୁ ଜାଣିଶୁଣି ହଇରାଣ କରିବା ଏବଂ ପ୍ରତିଶୋଧ ନେବା ପାଇଁ ଏ ବିଲ୍‌ରେ ବ୍ୟବସ୍ଥା ହୋଇଥିବା ଶ୍ରୀ ରାଉତରାୟ କହିଥିଲେ। ଶାସକ ଦଳର ଅନ୍ୟତମ ସଦସ୍ୟ ଅଶ୍ୱିନୀ ପାତ୍ର ବିଲ୍‌କୁ ସମର୍ଥନ କରି ସରକାର ସୁଚିନ୍ତିତ ମତରେ ଏହି ଅଧିନିୟମ ଆଣିଥିବା କହିଥିଲେ। ତେବେ ଉଭୟ ବିରୋଧୀ ବିଜେପି ଓ କଂଗ୍ରେସର ବିରୋଧ ସତ୍ତ୍ୱେ ବାଚସ୍ପତି ବିଲ୍‌ଟିକୁ ବାଚନିକ ଭୋଟ୍‌ରେ ପାରିତ କରାଇଥିଲେ। ଏହାସହ ଓଡ଼ିଶା ସ୍ଥାନୀୟ ପାଣ୍ଠି ସମୀକ୍ଷା ସଂଶୋଧନ ବିଲ ଏବଂ ଓଡ଼ିଶା ଲୋକାୟୁକ୍ତ ବିଲକୁ ମଧ ଆଜି ଗୃହରେ ପାରିତ କରାଯାଇଛି। ଅନ୍ୟ ପକ୍ଷରେ ଓଡ଼ିଶା ଔଦ୍ୟୋଗିକ ଭିତ୍ତିଭୂମି ଉନ୍ନୟନ ନିଗମ ବିଲ ଉପରେ ଆଲୋଚନା ଅସମାପ୍ତ ରହିଛି।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ନଭେମ୍ବର - ୦୬ ଡିସେମ୍ବର, ୨୦୨୦

# ଏତେ ଦୁର୍ନୀତି, ହୁଏ କେମିତି !

ଆଇଏଫ୍‌ଏସ୍ ଅଭୟ ଭିଜିଲାନ୍ସ ଜାଲରେ ପଡିବା ପରେ ତାଙ୍କ ଦୁର୍ନୀତି ଲୋକଲୋଚନକୁ ଆସିପାରିଲା। ହେଲେ ଅଭୟ କଣ ଏକମାତ୍ର ପ୍ରଶାସକ ଯିଏ ଏତେ ଦୁର୍ନୀତି କରିପାରିଲେ ନା ତାଙ୍କ ଭଳି ଅନେକ ଅଫିସର ଏଭଳି ଦୁର୍ନୀତି କରୁଛନ୍ତି ? କିଛିଦିନ ଅନ୍ତରରେ ଏଭଳି କିଛି ଦୁର୍ନୀତିଗ୍ରସ୍ତ ବାବୁ ଓ ସରକାରୀ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଛନ୍ତି। ଖୋଳତାଡ ବି ଚାଲୁଛି, ହେଲେ ଧରାପଡୁଥିବା ଏହି ବ୍ୟକ୍ତିଙ୍କ ସମ୍ପର୍କରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେମାନଙ୍କ ସମ୍ପତ୍ତି ସରକାରଙ୍କ ଖାତାକୁ ଫେରିଲା କି ନାହିଁ, ଏଭଳି ଅନେକ ପ୍ରଶ୍ନ ଉଠେ। ତେବେ କାର୍ଯ୍ୟାନୁଷ୍ଠାନ ଦୃଷ୍ଟାନ୍ତମୂଳକ ହେଉଥିଲେ, ଅସଦ ଉପାୟରେ ରାଜକୋଷ ଲୁଟ କରୁଥିବା ବ୍ୟକ୍ତିବିଶେଷ ଆଉ ଦୁର୍ନୀତି କରିବାକୁ ସାହସ କରନ୍ତେନାହିଁ। ଦଣ୍ଡ କମ କିମ୍ବା ଗଳାବାଟରେ ଖସିଯିବାର ବ୍ୟବସ୍ଥା ଯୋଗୁ ଏମାନେ ନିର୍ବିଘ୍ନରେ ଖସିଯାଉଥିବାର ଜଣାପଡେ। ଯେଉଁଥିପାଇଁ ଲାଞ୍ଚୁଆ କର୍ମଚାରୀ ଅଧିକ ଦୁର୍ନୀତି କରିବାକୁ ସୁଯୋଗ ପାଉଛନ୍ତି। ଚାକିରି ଆରମ୍ଭରୁ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଲାଞ୍ଚଖୋର ନଥାନ୍ତି। ପଦବୀରେ ରହିବା ପରେ ଧୀରେ ଧୀରେ ବ୍ୟବସ୍ଥା ଭିତରେ ଥିବା ଗଳାବାଟ ଖୋଜି ଆରମ୍ଭରୁ ଅଳ୍ପ ଓ ପରେ ଅଧିକ ଏଭଳି ଲାଞ୍ଚ ଅର୍ଥ ନେଇ ନେଇ ପୋଖତ ବା ସମ୍ପୂର୍ଣ୍ଣ ଦୁର୍ନୀତିଗ୍ରସ୍ତ ହୋଇପଡନ୍ତି। ବର୍ତ୍ତମାନ ଭିଜିଲାନ୍ସ ଜାଲରେ ପଡି ଚର୍ଚ୍ଚାକୁ ଆସିଥିବା ଜଙ୍ଗଲ ବିଭାଗ ବାବୁ କାଳେ ରାଜା ନହୋଇ ରାଜକୀୟ ଜୀବନ ଜୀଉଁଥିଲେ। ଅମାପ ଟଙ୍କା, ଅଚଳାଚଳ ସମ୍ପତ୍ତି, ମନଇଚ୍ଛା ଖର୍ଚ୍ଚ ତାହା ପୁଣି ସରକାରୀ ଟଙ୍କା। ବାବୁ ଏକୁଟିଆ ଏଭଳି ବଞ୍ଚୁନଥିଲେ, ବାବୁଙ୍କ ପୁଅ ମଧ୍ୟ ବାପାଙ୍କ ଲାଞ୍ଚଖିଆ ଟଙ୍କାରେ ଅୟସ କରୁଥିଲେ। ଯୁଆଡେ ଇଚ୍ଛା ସିଆଡେ ବ୍ୟୋମଯାନରେ ଉଡୁଥିଲେ। ହେଲେ ଜଣେ ସରକାରୀ କର୍ମଚାରୀ ନିଜ ଚାକିରି ଭିତରେ ଏତେ କାମ କରୁଥିଲେ ବି ବିଭାଗର ଆଉ କେହିକେମିତି ଘଟଣାର ଟେର ପାଉନଥିଲେ, ତାହା ସନ୍ଦେହ ସୃଷ୍ଟି କରୁଛି। ମାସକୁ କେତେ ଦରମା, ଏଭଳି ଖର୍ଚ୍ଚକୁ ନେଇ କିପରି କାହାର ସନ୍ଦେହ ଦେଖାଦେଲାନାହିଁ, ଏକଥା ଯେକୌଣସି ବ୍ୟକ୍ତି ପ୍ରଶ୍ନ କରିପାରେ। ଏତେ ପରିମାଣର ଲାଞ୍ଚଖିଆ ଅଫିସର କିଅଭଳି ଆଜିଯାଏ ଧରାପଡିନଥିଲେ, ତାଙ୍କ ବିରୋଧରେ ଆଗରୁ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ଆଇଏଫ୍‌ଏସ୍ ଅଭୟକାନ୍ତ ପାଠକ ଏସିସିଏଫ୍ ଥିଲେ, ହେଲେ ତାଙ୍କ ପୁଅ ଆକାଶ କିନ୍ତୁ ନିଜକୁ ଓଡ଼ିଶା ଜଙ୍ଗଲ ବିଭାଗ ରାଜା ମନେକରି ବିଳାସପୂର୍ଣ୍ଣ ଏକାଧିକ କାର ଚଢ଼ି ବୁଲୁଥିଲେ। ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ବି ଦଶ କୋଟି ପାଖାପାଖି ଟଙ୍କା ରହିଛି। ମୁମ୍ବାଇ ଠାରୁ ଆରମ୍ଭ କରି ଫ୍ରାନ୍ସ, ହଂକଂ ଭଳି ଅନେକ ଦେଶ ବୁଲି ଖର୍ଚ୍ଚ କରିବାରେ ସେ ରେକର୍ଡ କରିଛନ୍ତି। ଏହି କୁବେର ଆଇଏଫ୍‌ଏସ୍ ମାତ୍ର ଦୁଇବର୍ଷ ତଳୁ ରାଜ୍ୟରେ ବନୀକରଣ ଦାୟିତ୍ୱ ନେଇଥିଲେ। ତାଙ୍କ ପୁତ୍ର ଆକାଶ ଟାଟା ମୋଟର୍ସ ନାଁରେ ଟଙ୍କା ଚଳୁ କରୁଥିଲେ। କ୍ରାଇମ୍‌ବ୍ରାଞ୍ଚ ନିକଟରେ ଏହାର ସୂଚନା ମଧ୍ୟ ଥିଲା। ତେବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଯେ, ଅଭୟଙ୍କ ଏତେ କଳା ଟଙ୍କା ଆସିଲା କେଉଁ ସୂତ୍ରରୁ ଓ କେହି କିପରି ଟେର ପାଉନଥିଲେ। ଏଯାବାତ ଭିଜିଲାନ୍ସ ରେଡ କରିଥିବା ସରକାରୀ ଅଧିକାରୀଙ୍କ ସମ୍ପତ୍ତି ଦୃଷ୍ଟିରୁ ଅଭୟ ଶ୍ରେଷ୍ଠ ସ୍ଥାନରେ ନିଶ୍ଚୟ। କାଗଜ କଲମରେ ବନୀକରଣ କରି ଅଭୟ କୋଟି କୋଟି ଟଙ୍କା ଉପାର୍ଜନ କରିଥିଲେ ବୋଲି ଭିଜିଲାନ୍ସ ପ୍ରାଥମିକ ଆକଳନ କରି ଅଧିକ ତଦନ୍ତ କରୁଛି। ବର୍ତ୍ତମାନ ତାଙ୍କ ଚାକିରି ଜୀବନର ଫର୍ଦ୍ଦ ଓଲଟା ଯାଉ, ଅନେକ ରହସ୍ୟ ସାମ୍ନାକୁ ଆସିବ। ଏହା କେବଳ ଭାତ ହାଣ୍ଡିର ଗୋଟିଏ ଘଟଣା। ଅଭୟକାନ୍ତଙ୍କ ପରି ଅନେକ ସରକାରୀ କର୍ମଚାରୀ ତାଙ୍କ ଚାକିରି କାଳରେ କୋଟି କୋଟି ଟଙ୍କା ବେଆଇନ ଭାବେ ଠୁଳ କରିଛନ୍ତି। ପୁଅ ବାହାଘରକୁ ଅଳ୍ପଦିନ ବାକି ଥିଲା ବେଳେ ଅଭୟକାନ୍ତ ଅଡୁଆରେ ପଡିଲେ।

ସମ୍ପାଦକୀୟ
ତାରକ ମହାନ୍ତି



ସରକାର ଉନ୍ନୟନ ପାଇଁ ଦେଉଥିବା ଟଙ୍କା ଅଭୟକାନ୍ତଙ୍କ ଭଳି ଦୁର୍ନୀତିଗ୍ରସ୍ତ ଅଧିକାରୀ ହଡପ କରୁଛନ୍ତି, ଏହା ମାତ୍ର ଗୋଟିଏ ପ୍ରମାଣ। ଏଭଳି ଅସଂଖ୍ୟ ଘଟଣା ଲୋକଲୋଚନକୁ ଆସିପାରୁନି। ଥରେ ଚାକିରି ଉପରେ ସରକାରୀ ମୋହର ଲାଗିଲେ ଲାଞ୍ଚୁଆ କର୍ମଚାରୀ ନିଜ ଫନ୍ଦି ଆରମ୍ଭ କରିଦିଅନ୍ତି। ଦରମାର ଦଶଗୁଣ ଆୟ ପାଇଁ ଏତେ ଯତ୍ନବାନ ହୋଇପଡନ୍ତି ଯେ, ହିସାବ ବାହାରେ ଲାଞ୍ଚ ନେବାକୁ କୁଣ୍ଠା ପ୍ରକାଶ କରିନଥାନ୍ତି। ଅଭୟକାନ୍ତଙ୍କ ଭଳି ଅଧିକାରୀ ଗୋଟିଏ ସୂତ୍ରରୁ ଏତେ ଟଙ୍କା ଆୟ କରିନଥିବେ। ଏ ମହାଶୟ ତାଙ୍କ ଚାକିରି ଜୀବନର ୩୩ ବର୍ଷରେ ଏମିତି କଳା ଟଙ୍କା ଉପାର୍ଜନ କରିଥିବେ, ତାହାର ହିସାବ ସମ୍ପୂର୍ଣ୍ଣ ମିଳିବା ସହଜ ନୁହେଁ। ତେବେ ତାଙ୍କ ଉପରେ କାହାର ଅଭୟ ହାତ ବା ତାଙ୍କ ନିକଟରେ ସୁରକ୍ଷା କବଚ ନଥିଲେ ସେ କଣ ବିପୁଳ ଅର୍ଥର ମାଲିକ ହୋଇପାରିଥାନ୍ତେ ! ଏଭଳି ବ୍ୟକ୍ତି କିଭଳି ଏତେବର୍ଷ ଧରି ରାଜକୋଷ ଲୁଟ କରୁଥିଲେ, ଏ କଥା ସରକାର କିଭଳି ଜାଣୁନଥିଲେ ତାହା ହେଉଛି ମୁଖ୍ୟ ପ୍ରସଙ୍ଗ। କେଉଁମାନେ ଅଭୟକାନ୍ତଙ୍କ ଭଳି ଦୁର୍ନୀତିଖୋରଙ୍କୁ ସହାୟତା କରୁଥିଲେ, ଏହା ପ୍ରସଙ୍ଗ ହେବା ଦରକାର। ରାଜ୍ୟରେ ପିସି କାରବାରକୁ ନେଇ ଅନେକ ଥର ଝଡ ଉଠିଛି। ହେଲେ ପିସି ଖିଆମାନେ ଏଥିରୁ ନିବୃତ୍ତ ଅଛନ୍ତି କି ? ପଦବୀର ଦୁରୂପଯୋଗ କରି କଳା ଟଙ୍କା ଆୟ କରୁଥିବା ଅଧିକାରୀ ଏତେ ଅଧିକ ଯେ, ଭିଜିଲାନ୍ସ କେବଳ ଅଭିଯୋଗ ଫର୍ଦ୍ଦ ଅନୁସାରେ ସେମାନଙ୍କୁ ଧରୁଛି। ଅଥଚ ଏଭଳି ଅନେକ ସରକାରୀ କର୍ମଚାରୀ ଲାଞ୍ଚ ଟଙ୍କାରେ ବିଳାସପୂର୍ଣ୍ଣ ଜୀବନ ନିର୍ବାହ କରୁଛନ୍ତି, ସେ ବିଷୟରେ ଅଭିଯୋଗକାରୀ ନଥିବାରୁ ଏମାନେ ଭଲ ଲୋକରେ ଗଣା ହେଉଛନ୍ତି। ସବୁ ସରକାରୀ ବିଭାଗରେ ଲାଞ୍ଚୁଆ ଅଫିସର ଓ ଲାଞ୍ଚୁଆ କର୍ମଚାରୀ ଥିବେ ନିଶ୍ଚୟ। ଯେଉଁଥିପାଇଁ ସାଧାରଣ ଲୋକ ଲାଞ୍ଚ ଦେବାକୁ ବାଧ୍ୟ ହେଉଛନ୍ତି। ରାଜସ୍ୱ ବିଭାଗରେ ଏଭଳି କର୍ମଚାରୀ ଢେର ଅଧିକ। ତଳୁ ଉପର ପର୍ଯ୍ୟନ୍ତ ବିନା ଲାଞ୍ଚରେ କାର୍ଯ୍ୟ ହୁଏନାହିଁ। ଦଲାଲଙ୍କ ମାଧ୍ୟମରେ ଏହି ଲାଞ୍ଚ କାରବାର ହୋଇଥାଏ, ହେଲେ ଅଭିଯୋଗ ନହେବାରୁ ଏମାନେ ସୁନା। ଜନସାଧାରଣଙ୍କ ପାଇଁ ବିନା ଦେୟରେ ସରକାରୀ ସେବା ମିଳିବାକୁ ଥିବା ବେଳେ ଲାଞ୍ଚୁଆ କର୍ମଚାରୀ ଏହାକୁ ଦେୟମୁକ୍ତ କରିଦେଉଛନ୍ତି। ଅମଲାତାନ୍ତ୍ରିକ ସରକାର ଯେତେବେଳେ ସ୍ୱେଚ୍ଛାଚାରୀ ହୋଇଯାଆନ୍ତି, ସେତେବେଳେ ଏଭଳି ଦୃଶ୍ୟ ସାମ୍ନାକୁ ଆସେ ବୋଲି କିଛି ବୁଦ୍ଧିଜୀବୀ କହୁଛନ୍ତି। ତେବେ ସରକାର କରେ କଣ ? କୋଟି କୋଟି ଟଙ୍କା ଦୁର୍ନୀତି ଅର୍ଥରେ ଅଫିସରମାନେ ରାଜକୀୟ ଠାଣିରେ ବଞ୍ଚିବାକୁ ନେଇ କେହି କିଭଳି ପ୍ରଶ୍ନ ଉଠାନ୍ତି ନାହିଁ। ଅନେକ ସାମାଜିକ କର୍ମୀ ବିଭିନ୍ନ ପ୍ରସଙ୍ଗ ଲୋକଲୋଚନକୁ ଆଣୁଥିଲା ବେଳେ ଅଭୟକାନ୍ତଙ୍କ ଭଳି ଲାଞ୍ଚୁଆ ଅଫିସରଙ୍କ ବିରୋଧରେ ସ୍ୱର ଉଠାଉନଥିବାର କାରଣ କଣ ? ବିରୋଧୀ ଦଳ ସର୍ବଦା ସରକାରଙ୍କ ତ୍ରୁଟି କଥା ବିଧାନସଭାରେ କହିଥାନ୍ତି, ହେଲେ ଅଭୟକାନ୍ତଙ୍କ ପରି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିଷୟରେ ଆଲୋଚନା ନହେବାର କାରଣ କଣ ? ଅଭୟକାନ୍ତଙ୍କ ପରି ଆଉ ଯେତେ ରହିଲେ ସେମାନେ ଧରା ନପଡିବା ପର୍ଯ୍ୟନ୍ତ ଦୁର୍ନୀତିର ଅସଲ ଚେର କେଉଁଠି ଲୁଚିଛି ତାହା ସ୍ପଷ୍ଟ ହୋଇପାରିବନାହିଁ। ଅସଂଖ୍ୟ ଅଭୟକାନ୍ତଙ୍କ ଯୋଗୁଁ ରାଜ୍ୟରେ ସଠିକ ବିକାଶ ହୋଇପାରୁନାହିଁ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ମୋଜାମ୍ବିକରେ "ଆଲ୍ଲା ହୁ' ଆକବର"



ସୌମେନ୍ଦ୍ର ଜେନା

ଚଳିତ ନଭେମ୍ବର ମାସର ପ୍ରଥମ ସପ୍ତାହରେ ଆଫ୍ରିକାର ଅନ୍ୟତମ ରାଷ୍ଟ୍ର ମୋଜାମ୍ବିକରେ ଇସଲାମିକ୍ ଉଗ୍ରବାଦୀଙ୍କ ଆକ୍ରମଣରେ ଗୋଟିଏ ସ୍ଥାନରେ ୫୦ଜଣଙ୍କ ମୁଣ୍ଡ କାଟ ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ମୋଜାମ୍ବିକ ଅନ୍ୟ ୟୁରୋପୀୟ ରାଷ୍ଟ୍ର ଫ୍ରାନ୍ସ, ଇଂଲଣ୍ଡ ପରି ଧନୀରାଷ୍ଟ୍ର ହୋଇନଥିବା ହେତୁ ବିଶ୍ୱର ଖବରବଜାରରେ ଏହାର ଖବର ଅଧିକ ବିକ୍ରି ହୋଇପାରିନାହିଁ। ନହେଲେ ଯେଉଁଠି ଏହାର ୧୨ଭାଗରୁ କମ୍ ଲୋକେ ଗୋଟିଏ ଘଟଣାରେ ମୃତ୍ୟୁବରଣ କରିଥିବା ଅଷ୍ଟ୍ରିଆ, ଫ୍ରାନ୍ସର ଖବର ବିଶ୍ୱସାରା ବ୍ୟାପି ଯାଇଥିବା ସ୍ଥଳେ ମୋଜାମ୍ବିକର ଖବରକୁ ଗଣମାଧ୍ୟମଗୁଡିକ ଆବଶ୍ୟକ ସ୍ଥାନ ଦେବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି,ତେଣୁ ଲେଖକ ତାରେକ ଫତେହ ବ୍ୟଙ୍ଗ କରି ଲେଖିଛନ୍ତି ଯେ 'ଆଫ୍ରିକୀୟମାନେ ବୋଧହୁଏ ଛୋଟ ଈଶ୍ୱରଙ୍କ ସନ୍ତାନ । ଏହି ଘଟଣାଟି ଅତି କ୍ରୁର ହୋଇଥିବା ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ନିର୍ବାଚନର ଖବର ବନ୍ୟାରେ ଭାସିଯାଇଥିବା ଜଗତର ଲୋକଙ୍କ ପାଇଁ ଆଫ୍ରିକାର ଏହି ସମ୍ବାଦ ଅଜଣା ହୋଇ ରହିଗଲା । ମାରିଆ ୱିର୍ଥ ତାଙ୍କ ଟ୍ୱିଟରରେ କହିଛନ୍ତି 'ବ୍ଲାକ-ଲାଇଭ ମ୍ୟାଟର, ମିଡିଆ, ସରକାର ସବୁ ଗଲେ କୁଆଡେ ?' ଭିଏନାର ୪ ମୃତକଙ୍କ ସହ ଏହାର ତୁଳନା କରାଯାଉ । ଅଷ୍ଟ୍ରିଆ ସହ ସାରା ବିଶ୍ୱ ଛିଡା ହୋଇଥିଲାବେଳେ ଏପରି ବାଛ ବିଚାର କାହିଁକି ?' ତେବେ ଦକ୍ଷିଣ ଆଫ୍ରିକାର ମୋଜାମ୍ବିକର ଉତ୍ତରଭାଗରେ ଇସଲାମିକ ଗୋଷ୍ଠୀ ସମର୍ଥିତ ସନ୍ତ୍ରାସବାଦୀମାନେ, ସିରିଆ ଓ ଇରାକରେ ଗଣହତ୍ୟା, ଫ୍ରାନ୍ସ ଓ ଅଷ୍ଟ୍ରିଆରେ ଗଣହତ୍ୟା ପୂର୍ବରୁ ଗୋଟିଏ ସ୍ଲୋଗାନ ଦେବା ସବୁଠି ଶୁଣାଯାଉଥିଲା ତାହା ହେଲା 'ଆଲ୍ଲା ହୁ ଆକବର ।'

ନିଜକୁ ବିଶ୍ୱର ସବୁଠୁ ଅଧିକ ଶାନ୍ତିପ୍ରିୟ ବୋଲି କହୁଥିବା ଇସଲାମ ଧର୍ମାବଲମ୍ବୀମାନେ ଯେଉଁଠି ଏକାଠି ହୋଇଛନ୍ତି ସେଠାରେ କିଛି ଅଶାନ୍ତି ସୃଷ୍ଟିପାଇଁ ଅତୀତରୁ ଆଜିଯାଏ ଉଦ୍ୟମ କରିଆସିଛନ୍ତି । ନିକଟରେ ଘଟିଯାଇଥିବା ଘଟଣାଗୁଡିକ ଏହାର ଉତ୍କୃଷ୍ଟ ପ୍ରମାଣ । ଶୁକ୍ରବାରିଆ ଧର୍ମସଂସଦରେ ବିଶ୍ୱାସ କରୁଥିବା ଏହି ଧର୍ମର ଲୋକେ ଠିକ୍ ଶୁକ୍ରବାର ରାତିରେ ମୋଜାମ୍ବିକର କାବୋ ଡେଲଗାଡୋ ରାଜ୍ୟର ନଞ୍ଜବା ଗ୍ରାମ ଉପରେ ଆକ୍ରମଣ କରି ଲୋକମାନଙ୍କ ବାସଗୃହରେ ଅଗ୍ନି ସଂଯୋଗ କରିବା ପରେ ଲୋକେ ଭୟରେ ବାହାରକୁ ଚାଲି ଆସିଥିଲେ । ପରେ ସନ୍ତ୍ରାସବାଦୀମାନେ ଗ୍ରାମର ଖେଳପଡିଆକୁ ଲୋକଙ୍କୁ ବନ୍ଧୁକ ମୁନରେ ନେଇଯାଇ ସେମାନଙ୍କ ମୁଣ୍ଡକାଟ କରିଥିଲେ । ବୋଧହୁଏ ବିଧର୍ମୀଙ୍କୁ ହତ୍ୟାକରି ଭାରତରେ ଯେମିତି ମୋଗଲ ସମ୍ରାଟ ବାବର ହିନ୍ଦୁମାନଙ୍କ କଟା ମୁଣ୍ଡର ପାହାଡ ଦେଖି ଆତ୍ମବିଭୋର ହୋଇ କହିଥିଲା "ମୁଁ ଏହି ବିଧର୍ମୀଙ୍କୁ ହତ୍ୟାକରି ଏତେ ଆନନ୍ଦିତ ହୋଇଛି । ଆଲ୍ଲା କେତେ ଆନନ୍ଦ ଅନୁଭବ କରୁନଥିବେ ସତେ ?" ଠିକ୍ ସେମିତି ଇସଲାମିକ ଷ୍ଟେଟର ସନ୍ତ୍ରାସୀ ଗୋଷ୍ଠୀ ବାବରମାର୍କା ଆନନ୍ଦ ଲାଭ କରିଥିଲେ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ମୁଣ୍ଡକାଟ କରି ।

ଆଫ୍ରିକା ମହାଦେଶର ପୂର୍ବ ଉପକୂଳରେ ଥିବା ମୋଜାମ୍ବିକର ୨୦୧୭ ଜନଗଣନା ଅନୁଯାୟୀ ୫୬.୧% ଖ୍ରୀଷ୍ଟିଆନ୍, ୧୮% ମୁସଲମାନ, ୧୭.୯% କୌଣସି ଧର୍ମର ବାହାରେ, ୭.୪% ପାରମ୍ପାରିକ ଧର୍ମାବଲମ୍ବୀ ରହିଛନ୍ତି । ପ୍ରାୟ ତିନି କୋଟି ଜନସଂଖ୍ୟା ବିଶିଷ୍ଟ ଏହି ରାଷ୍ଟ୍ର ଅତୀତରେ୧ ମାର୍ଚ୍ଚ ୧୪୯୮ରୁ ୨୫ଜୁନ୍୧୯୭୫ ଯାଏଁ ପର୍ତ୍ତୁଗୀଜମାନଙ୍କ ଶାସନାଧୀନ ରହିଥିଲା । ସ୍ୱାଧୀନତା ଲାଭ କରିବା ପରଠାରୁ ପ୍ରାୟ ୧୫ବର୍ଷ (୧୯୭୭-୯୨) ଏହି ରାଷ୍ଟ୍ର ଗୃହଯୁଦ୍ଧର ସମ୍ମୁଖୀନ ହୋଇଥିଲା । ଏକଦା ମୋଜାମ୍ବିକର ଶାସନଗତ ଅସ୍ଥିରତା ପଛରେ ବାମପନ୍ଥୀ ରୁଷିଆର ସରକାର ଏବଂ ଦକ୍ଷିଣପନ୍ଥୀ ଦକ୍ଷିଣ ଆଫ୍ରିକାର ସରକାରଙ୍କ ଭୂମିକା ଅଧିକ ରହିଥିଲା । ସୋଭିଏତ ରୁଷିଆର ପତନ ପରେ ପରେ ମୋଜାମ୍ବିକରେ ବାମପନ୍ଥୀ ସନ୍ତ୍ରାସବାଦୀଙ୍କ ପ୍ରଭାବ ହ୍ରାସ ପାଇଥିଲା । ଆରବ ଜଗତରେ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ବିରୋଧରେ ସିରିଆ, ୟେମେନ, ଇରାକ, ଆଦି ରାଷ୍ଟ୍ରରେ ବ୍ୟାପକ ଅଭିଯାନପରେ ଆଇଏସ୍ ସନ୍ତ୍ରାସବାଦୀ ଏବଂ ସେମାନଙ୍କ ସମର୍ଥକମାନେ ଆରବର ଅଞ୍ଚଳ ଛାଡି ଇଉରୋପ ଏବଂ ଆଫ୍ରିକାର ଦେଶଗୁଡିକୁ ଶରଣାର୍ଥୀଭାବେ ଚାଲିଯାଇ ସେସବୁ ଦେଶରେ ସଂଗଠିତ ଭାବେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇଛନ୍ତି । ସାମୁଦ୍ରିକ ପଥରେ ଏହି ସନ୍ତ୍ରାସବାଦୀମାନେ ମୋଜାମ୍ବିକରେ ପ୍ରବେଶ କରି ସ୍ଥାନୀୟ ଉଗ୍ରବାଦୀ ବିଚାରଧାରାର ମୁସଲିମମାନଙ୍କୁ ପ୍ରଭାବିତ କରି ନିଜର ପ୍ରଭାବବୃଦ୍ଧି କରିବା ସହ ଇରାକ ଓ ଆଫଗାନିସ୍ଥାନରେ ମୁଣ୍ଡକାଟି ହତ୍ୟା କରିବା ପରି ବର୍ବରତାକୁ ପ୍ରଦର୍ଶିତ କରିଛନ୍ତି । ଏହା ପୂର୍ବରୁ ଚଳିତବର୍ଷ ୭ଏପ୍ରିଲରେ ମୋଜାମ୍ବିକର କାବୋ ଡେଲଗାଡୋ ରାଜ୍ୟର ମୁଇଡୁମ୍ବେ ଜିଲ୍ଲାର ଜିଟାକ୍ସିଠାରେ ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ଆକ୍ରମଣରେ ୫୨ଜଣ ଗ୍ରାମବାସୀଙ୍କ ମୃତ୍ୟୁ ହୋଇଥିଲା । କାରଣ ସେମାନେ ସନ୍ତ୍ରାସବାଦୀ ଗୋଷ୍ଠୀରେ ସାମିଲ ହେବାକୁ ମନା କରି ଦେଇଥିଲେ । ଏହି ଆକ୍ରମଣ ପଛରେ ଇସଲାମିକ ଷ୍ଟେଟ ସେଣ୍ଟ୍ରାଲ ଆଫ୍ରିକା ପ୍ରଭିନ୍ସ ଗୋଷ୍ଠୀ ରହିଥିବାର ଜଣାପଡିଛି । ଦେଶରେ ୨୦୧୮ରୁ ଅନ୍‌ସାର ଅଲ ସୁନାହ ଗୋଷ୍ଠୀ ଉତ୍ତର ମୋଜାମ୍ବିକରେ ସକ୍ରୀୟ ଥିଲାବେଳେ ଇସଲାମିକ ଷ୍ଟେଟ ଇରାକ୍-ଲେଭାଣ୍ଟ ଗୋଷ୍ଠୀ ମଧ୍ୟ ସକ୍ରିୟ ରହିଛି । ଗତବର୍ଷ ଜୁନମାସରେ ମୋଜାମ୍ବିକର ସୁରକ୍ଷା ବାହିନି ଉପରେ ମରଣାନ୍ତକ ଆକ୍ରମଣ ଏହି ଗୋଷ୍ଠୀ ପକ୍ଷରୁ ହୋଇଥିଲା । ଅନସାର ଗୋଷ୍ଠୀ ୨୦୦୩ରୁ ୨୦୦୭ ଯାଏଁ ଆମେରିକା ସେନା ବିରୋଧରେ ଲଢିଥିଲେ । ସ୍ଥାନୀୟ ଲୋକେ ଏମାନଙ୍କୁ ଅଲ-ଶବାବ ବୋଲି କହୁଥିଲେ ହେଁ ଏମାନେ ସୋମାଲିଆର ସନ୍ତ୍ରାସବାଦୀ ଅଲ ଶବାବଠାରୁ ଭିନ୍ନ । ଏହି ଗୋଷ୍ଠୀରେ ମୋଜାମ୍ବିକର ମୋସିମ୍ବୋଆ ଦା ପ୍ରାୟିଆ, ପାଲ୍‌ମା ଏବଂ ମାନୋମିଆ ଜିଲ୍ଲାର ସୁନ୍ନି ମୁସଲମାନେ ରହିଛନ୍ତି । ଏମାନଙ୍କ ସହ କିଛି ତାଞ୍ଜାନିଆ ଏବଂ ସୋମାଲିଆର ବିଦେଶୀ ସନ୍ତ୍ରାସବାଦୀ ରହି କାର୍ଯ୍ୟ କରୁଛନ୍ତି । ଦେଶର ମାକୋମିଆ, ମୋସିମ୍ବୋଆ, ମୋଣ୍ଟେପୁଏଜ ଜିଲ୍ଲାର କ୍ୟାମ୍ପଗୁଡିକରେ ଏମାନଙ୍କ ପ୍ରଶିକ୍ଷଣ କେନ୍ଦ୍ର ଜଙ୍ଗଲ ମଧ୍ୟରେ ଚାଲୁ ରହିଛି । ସରକାରଙ୍କୁ ବିରୋଧ କରୁଥିବା ସ୍ଥାନୀୟ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏବଂ ସୀମା ସୁରକ୍ଷା ବାହିନୀର ଯବାନ ସନ୍ତ୍ରାସବାଦୀଙ୍କୁ ପ୍ରଶିକ୍ଷଣ ଦେଉଥିବା ବିଷୟ ଜଣାପଡିଛି ।

ଇସଲାମିକ ସନ୍ତ୍ରାସବାଦୀ ଗୋଷ୍ଠୀ ଅନସାର୍ ଅଲ ସୁନ୍ନାହର ମୂଳ ନାମ ହେଲା 'ଆଲ୍ଲା ସୁନ୍ନା ୱା ଜାମୋ ।' ୨୦୧୫ରେ ଏହି ଗୋଷ୍ଠୀ ଦେଶର ଉତ୍ତର ଭାଗରେ ଧାର୍ମିକ ଆନ୍ଦୋଳନ ଆରମ୍ଭ କରିଥିଲା । ଏହି ଗୋଷ୍ଠୀ ଗଠନ ପଛରେ କେନିଆର ଉଗ୍ରବାଦୀ ଧର୍ମଗୁରୁ ଅବାଉଣ୍ଡ ରୋଗୋଙ୍କ ଅନୁଗାମୀ ରହିଥିଲେ । ୨୦୧୨ରେ ରୋଗୋଙ୍କ ମୃତ୍ୟୁ ହୋଇଥିଲା । ପରେ ତାଙ୍କର ଅନୁଗାମୀମାନେ କିବିଟି, ତାଞ୍ଜାନିଆ, ମୋଜାମ୍ବିକ ଆଦି ଦେଶକୁ ଚାଲି ଯାଇଥିଲେ । ଏମାନଙ୍କ ମତ ହେଲା ଯେ ମୋଜାମ୍ବିକରେ ମହମ୍ମଦଙ୍କ କହିବାନୁସାରେ ଇସଲାମିକ ଧର୍ମକୁ ପାଳନ କରାଯାଉନାହିଁ । ଏହାର ସଦସ୍ୟମାନେ ମୋଜାମ୍ବିକର ମସ୍‌ଜିଦଗୁଡିକରେ ପ୍ରବେଶ କରି ଅନ୍ୟମାନଙ୍କୁ ଗୋଷ୍ଠୀରେ ସାମିଲ ହେବାଲାଗି ଧମକ ଦେଇଥାନ୍ତି । ଏହି ଆନ୍ଦୋଳନ ଖ୍ରୀଷ୍ଟିଆନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ର ବିରୋଧୀ । ଲୋକମାନଙ୍କୁ ଡାକ୍ତରଖାନା ଏବଂ ବିଦ୍ୟାଳୟକୁ ନ ଯିବା ଲାଗି ଏମାନେ ସାଧାରଣତଃ ପ୍ରବର୍ତ୍ତାଇଥାନ୍ତି । ଦେଶରେ ସରିଆ ଆଇନ ଲାଗୁକରିବା ହେଉଛି ଏମାନଙ୍କ ଲକ୍ଷ୍ୟ । ଗୋଷ୍ଠୀକୁ ଆରବ ଜଗତରୁ ଅନେକ ଅର୍ଥ ଆସୁଛି । ଦେଶର ତୈଳ ଓ ଅନ୍ୟ ପ୍ରାକୃତିକ ସଂପଦକୁ ଅକ୍ତିଆର କରି ଅର୍ଥ ଉପାର୍ଜନ କରିବାଲାଗି ଏମାନେ କାର୍ଯ୍ୟ ଜାରି ରଖିଛନ୍ତି । ଦେଶର ଜନସାଧାରଣଙ୍କ ଆର୍ଥିକମାନ ଦୁର୍ବଳ ଥିବା ହେତୁ ସେମାନେ ଗ୍ରାମାଞ୍ଚଳରେ କୁଡିଆ ଘର କରି ରହିଥାନ୍ତି ଯାହାକୁ ପୋଡିଦେବା ଏବଂ ନଷ୍ଟ କରିବା ସନ୍ତ୍ରାସବାଦୀଙ୍କ ପକ୍ଷେ ସହଜ ହୋଇଥାଏ । ହେରୋଇନ୍, ହାତୀଦାନ୍ତ, ନିଶାଦ୍ରବ୍ୟର ଚୋରା ଚାଲାଣରୁ ଏହି ଗୋଷ୍ଠୀଙ୍କୁ ଢେର ଅର୍ଥ ମିଳୁଛି । ମୋଜାମ୍ବିକର ଦାରିଦ୍ର୍ୟ, ସାମାଜିକ, ଆର୍ଥିକ ଓ ରାଜନୀତିକ ସମସ୍ୟା ସହ ବେରୋଜଗାରୀ ସଙ୍କଟକୁ ବଢାଇ ଦେଇଛି।

୨୦୧୭ରୁ ମୋଜାମ୍ବିକର ସନ୍ତ୍ରାସବାଦୀଙ୍କ ସିଧାସଳଖ ଆକ୍ରମଣ ଘଟଣା ଦୃଷ୍ଟିକୁ ଆସିଥିଲା । ମସଜିଦ୍‌ଗୁଡିକ ସନ୍ତ୍ରାସବାଦୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ବ୍ୟବହୃତ ହେଉଥିବା ଯୋଗୁ ସରକାରଙ୍କ ପକ୍ଷରୁ କାବୋ ଡେଲଗାଡୋ ରାଜ୍ୟର ତୋମ୍ପା ଅନ୍ତର୍ଗତ କାରିଆକୋ, ଅଲଟୋ, ଗିଗାନେ ଏବଂ ଚିଉବାଠାରେ ଥିବା ମସଜିଦକୁ ବନ୍ଦ କରାଯାଇଥିଲା ।

ଭାରତରେ ଅନେକ ରାଜ୍ୟ ଯେମିତି ପ୍ରଥମାବସ୍ଥାରେ ନକ୍ସଲ ସମସ୍ୟାକୁ ବଡ ସମସ୍ୟା ବୋଲି ଗ୍ରହଣ ନକରି ଏଡାଇ ଚାଲିବାରୁ ପରବର୍ତ୍ତୀ କାଳରେ ଏହା ଅନେକ ରାଜ୍ୟକୁ ବ୍ୟାପିଲା ଠିକ୍ ସେମିତି ମୋଜାମ୍ବିକର ସରକାର ଇସଲାମିକ ସନ୍ତ୍ରାସବାଦ ପ୍ରତି ଅଧିକ ସତର୍କ ନରହିବା ଏବଂ ପ୍ରଥମାବସ୍ଥାର ଘଟଣାଗୁଡିକୁ ଆତଙ୍କବାଦୀ ଆକ୍ରମଣ ଭାବେ ସ୍ୱୀକାର ନକରିବା କାରଣରୁ ପରବର୍ତ୍ତୀ କାଳରେ ଏହି ସମସ୍ୟା ଜଟିଳ ରୂପ ନେଲା । ସନ୍ତ୍ରାସବାଦୀଙ୍କ ସହ ମୁକାବିଲା କରିବାଲାଗି ମୋଜାମ୍ବିକର ସୁରକ୍ଷାବାହିନୀ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରର ବ୍ୟବହାର, ଟେକ୍‌ନୋଲୋଜିର ଉପଯୋଗ, ସୁରକ୍ଷାକର୍ମୀଙ୍କ ଆବଶ୍ୟକତା,ଉନ୍ନତ ପ୍ରଶିକ୍ଷଣ ଦରକାର କରୁଥିବାବେଳେ ଦେଶର ଦୁର୍ବଳ ଆର୍ଥିକ ସ୍ଥିତି ହିଁ ସନ୍ତ୍ରାସକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି । ଏବେ ମୋଜାମ୍ବିକର ସମସ୍ୟା ପ୍ରତି ଜାତିସଂଘ ଏବଂ ଅନ୍ୟ ପ୍ରମୁଖ ରାଷ୍ଟ୍ରଗୁଡିକ ସମ୍ବେଦନଶୀଳ ହୋଇ ସହଯୋଗ କରିବା ଜରୁରୀ ହୋଇପଡିଛି । ତା' ନହେଲେ ମାଡାଗାସ୍କର ଜଳପଥରେ ଆନ୍ତର୍ଜାତିକ ପରିବହନ ସନ୍ତ୍ରାସବାଦୀଙ୍କ ଟାର୍ଗେଟରେ ରହିବ । ଇସଲାମିକ ସନ୍ତ୍ରାସ ମୋଜାମ୍ବିକରେ ସଶକ୍ତ ହେଲେ ଅନ୍ୟ ଆଫ୍ରିକୀୟ ରାଷ୍ଟ୍ରଗୁଡିକୁ ବ୍ୟାପିଯାଇ ବହୁ ଧନଜୀବନ କ୍ଷୟକ୍ଷତିର କାରଣ ହେବ । ତେଣୁ ଏବେଠାରୁ ମୋଜାମ୍ବିକକୁ ସନ୍ତ୍ରାସବାଦର ମୁକାବିଲା ପାଇଁ ସମସ୍ତ ପ୍ରକାର ଆର୍ଥିକ, ସାମରିକ, ସହାୟତା ଯୋଗାଇ ଦିଆଯିବା ଆବଶ୍ୟକ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*


# ଯୋଗର ଜ୍ଞାନବିଜ୍ଞାନ

ଡାକ୍ତର ଅର୍ଚ୍ଚନା ମିଶ୍ର

ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ ଅଟେ। ଯେଉଁଥିରେ ପଦାର୍ଥ, ଜୀବନ ଓ ଚେତନାର ସମନ୍ୱୟ ଥାଏ। ଭାରତୀୟ ପ୍ରାଚୀନତମ ଯୋଗ ପଦ୍ଧତି ଅନୁଯାୟୀ ମୂଳତଃ ଯୋଗ ହେଉଛି ୮୪ ପ୍ରକାରର। ତେବେ ତା'ମଧ୍ୟରୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ବାରଟି। ତାହାହେଲା - ଜପଯୋଗ, ପ୍ରାଣଯୋଗ, ରାଜଯୋଗ, ହଟଯୋଗ, ଲୟଯୋଗ, ରଜୁଯୋଗ, ନାଦଯୋଗ, ଭକ୍ତିଯୋଗ, ଜ୍ଞାନଯୋଗ, କର୍ମଯୋଗ, ସ୍ୱରଯୋଗ, ମନ୍ତ୍ରଯୋଗ ଓ ତନ୍ତ୍ରଯୋଗ। ପତଞ୍ଜଳି ଯୋଗଶାସ୍ତ୍ରରୁ ଉପରୋକ୍ତ ଯୋଗର ପଦ୍ଧତି ପ୍ରଣୀତ। ରାଜଯୋଗ ହେଉଛି ଯୋଗ ମାନଙ୍କ ଭିତରେ ସବୁଠାରୁ ଶ୍ରେଷ୍ଠତମ ଯୋଗ। ମନର ସମସ୍ତ ପ୍ରକାର ବୃତ୍ତିର ତରଙ୍ଗକୁ ସଂଯତ କରିଦେବା ହିଁ ରାଜଯୋଗର ଲକ୍ଷଣ। ପତଞ୍ଜଳିଙ୍କ ରାଜଯୋଗକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ। ଦୁଃଖଶୋକରୁ ମୁକ୍ତି ପାଇବାର ରାଜମାର୍ଗ ହେଉଛି ଏହି ଯୋଗ। ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥରେ ଭକ୍ତିଯୋଗ, ଜ୍ଞାନଯୋଗ ଓ କର୍ମଯୋଗ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଲିପିବଦ୍ଧ ହୋଇଛି। ଶ୍ରୀମଦ ଭଗବତ ଗୀତାତ ସ୍ୱୟଂ ଯୋଗଶାସ୍ତ୍ର।

ଜ୍ଞାନଯୋଗ ଅନୁସାରେ ବ୍ରହ୍ମଙ୍କ ସହିତ ଏକତ୍ର ଜ୍ଞାନ ହିଁ ମୁଖ୍ୟ। ବ୍ରହ୍ମ ଭାବରେ ସ୍ଥିତି ଲାଭ କରିବା ହିଁ ଜ୍ଞାନଯୋଗ ସାଧନାର ଲକ୍ଷ୍ୟ। କର୍ମ ହେଉଛି ବନ୍ଧନର କାରଣ। ଏଥିରୁ ମୁକ୍ତିଲାଭ କରିବା ସକାଶେ କର୍ମଯୋଗର ସାହାଯ୍ୟ ନିଆଯାଏ। ନରନାରାୟଣଙ୍କ ନିଃସ୍ୱାର୍ଥପର ସେବା କାର୍ଯ୍ୟକୁ ନିଷ୍କାମ କର୍ମଯୋଗ ବୋଲାଯାଏ। ଆଧ୍ୟାତ୍ମିକ ପିପାସୁଙ୍କ ମତରେ ଭଗବତ ପ୍ରାପ୍ତିର ସର୍ବାପେକ୍ଷା ସରଳ ଓ ସୁଗମ ମାର୍ଗ ହେଉଛି ଭକ୍ତିଯୋଗ। ସ୍ୱାମୀ ବିବେକାନନ୍ଦଙ୍କ ଚିନ୍ତନରେ ନିର୍ମଳ ଓ ନିଷ୍କପଟ ଭାବେ ଈଶ୍ୱରଙ୍କୁ ଖୋଜିବା ହିଁ ଭକ୍ତିଯୋଗ ଅଟେ। 'ମନନାତ୍ ତ୍ରାୟତେ ଇତି ମନ୍ତ୍ର' ଅର୍ଥାତ୍ ଯାହା ମନ ଭିତରେ ସବୁବେଳେ ଭାବି ଚାଲିଲେ ଜନ୍ମ-ମୃତ୍ୟୁର ଚକ୍ରରୁ ରକ୍ଷା ମିଳେ ତାହା ହିଁ ମନ୍ତ୍ର। ଜପ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ଅଟେ। ଚିତ୍ତକୁ ଶାନ୍ତ ତଥା ମନକୁ ଏକାଗ୍ର ଓ ଅନ୍ତର୍ମୁଖୀ କରିବା ପାଇଁ ଜପ ଅତ୍ୟନ୍ତ ସରଳ ସାଧନା। ଜପର ଅଭ୍ୟାସ ପାଇଁ ଯେଉଁ ପାଞ୍ଚୋଟି ନିୟମ ରହିଛି ତାହା ହେଉଛି - ବୈଖରୀ, ଉପାଂଶୁ, ମାନସିକ, ଲିଖିତ, ଅଜପା। ଯୋଗର ବିଭିନ୍ନ ପ୍ରକାର ମଧ୍ୟରେ ଲୟ ଯୋଗର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଜୀବନରେ ସୃଷ୍ଟି, ସ୍ଥିତି ଓ ଲୟ ତିନୋଟି କ୍ରିୟା ରହିଛି। ଜୀବନର ପ୍ରଥମ ଭାଗ ସୃଷ୍ଟି ବାଲ୍ୟ ଓ କିଶୋର ବିତେ ଶିକ୍ଷା ଲାଭରେ। ପରିବାର ପ୍ରତିପୋଷଣ ପାଇଁ ଯେଉଁ ଶିକ୍ଷା ମିଳିଥାଏ ତାହା ହେଉଛି ମଧ୍ୟଭାଗ ସ୍ଥିତି ଓ ଅନ୍ତିମ ଭାଗ ଲୟ। ଅର୍ଥାତ୍ ସମସ୍ତେ ଏହି ସମୟରେ ଈଶ୍ୱର ଚିନ୍ତା କରନ୍ତି। ତେବେ ପରିଶେଷରେ ସମସ୍ତ ଭୂମିକାକୁ ତ୍ୟାଗ କରି ସ୍ୱରୂପରେ ସ୍ଥିତି ଲାଭ କରି ସେଥିରେ ଲୀନ ହେବା ହିଁ ଲୟ ଯୋଗ ଅଟେ। ହଟଯୋଗ ଶାସ୍ତ୍ର ଅନୁସାରେ 'ହ'ର ଅର୍ଥ ପିଙ୍ଗଳା ନାଡ଼ି ବା ପ୍ରାଣ ବାୟୁ। 'ଠ'ର ଅର୍ଥ କ୍ରୀଡ଼ାନାଡ଼ି ବା ଅପାନ ବାୟୁ। ଶରୀର ଓ ପ୍ରାଣ ଉପରେ ବିଜୟ ଲାଭ କରିବା ହଟଯୋଗ ସାଧନାର ଲକ୍ଷ୍ୟ। ମନ୍ତ୍ରଯୋଗ ପରି ଅତ୍ୟନ୍ତ ଅନ୍ୟଏକ ମହତ୍ତ୍ୱପୂର୍ଣ୍ଣ ଯୋଗ ହେଉଛି ତନ୍ତ୍ରଯୋଗ। ଉଚ୍ଚସ୍ତରର ମନ୍ତ୍ର ସାଧନ ପ୍ରଣାଳୀକୁ ହିଁ ତନ୍ତ୍ର କୁହାଯାଏ। ଯାହାର ମାର୍ଗ ହେଉଛି ବାମ ମାର୍ଗ। ସେଥିପାଇଁ ଏହାକୁ ଭୌତିକ ସିଦ୍ଧିର ମାର୍ଗ କୁହାଯାଏ। ସ୍ୱାମୀ ଶିବାନନ୍ଦଙ୍କ ମତରେ ସ୍ୱାଧ୍ୟାୟ ବା ଶାସ୍ତ୍ର ଅଧ୍ୟୟନ ହେଉଛି କ୍ରିୟା ଯୋଗ। ଯାହାର ଉଦାହରଣ ହେଉଛି ଗୀତା। ଶାସ୍ତ୍ର ଅଧ୍ୟୟନ ହୃଦୟକୁ ବିଶୁଦ୍ଧ କରେ ଏବଂ ମନରେ ଉଚ୍ଚ ପବିତ୍ର ଚିନ୍ତାଧାରା ପୂର୍ଣ୍ଣ କରିଦିଏ। ସମସ୍ତ ଯୋଗର ସାରକଥା ରାଜଯୋଗ ନାମରେ ବା ଅଷ୍ଟାଙ୍ଗ ଯୋଗ ନାମରେ ସମସ୍ତଙ୍କର ଗ୍ରହଣୀୟ ହୋଇଛି। ପ୍ରତିବର୍ଷ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହେଉଛି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିସଂଘରେ ଏହି ଦିବସଟିକୁ ସାର୍ବଜନୀନ ଭାବେ ପାଳନ କରିବା ପାଇଁ ଯେଉଁ ପ୍ରସ୍ତାବ ରଖିଥିଲେ ତାହା ଗୃହୀତ ହେବାସହ ସମଗ୍ର ବିଶ୍ୱରେ ଭାରତୀୟ ଯୋଗ ପଦ୍ଧତିର ସମ୍ମାନ ଓ ଆଦୃତ୍ତି ବଢ଼ିବାରେ ଲାଗିଛି।

*ସହକାରୀ ପ୍ରଫେସର, ଶରୀରତତ୍ତ୍ୱ ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୮୨୪୯୭୯୯୯୦୬*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା

ଅନୁବାଦ- ଉପାଳୀ ଦାଶ



**ଅଦ୍ରୋହ :-**

*ଷୋହଳ ଅଧ୍ୟାୟରେ ଥିବା ଶ୍ରୀମଦ୍ ଭଗବତ ଗୀତାର "ଦେବାସୁର ସମ୍ପଦ ବିଭାଗ ଯୋଗ' ନାମକ ଅଧ୍ୟାୟରୁ ଛବିଶଟି ଦୈବୀସମ୍ପଦାର ବର୍ଣ୍ଣନା ଆମେ କରୁଛେ। ସେଥିରେ ପଚିଶ ନମ୍ବରରେ ଯେଉଁ ଗୁଣ ରହିଛି ତାହା ହେଉଛି ଅଦ୍ରୋହ। ଶ୍ରୀକୃଷ୍ଣ ଅଢ଼ାଇ ଶ୍ଳୋକ ମଧ୍ୟରେ ଏହିସବୁ ସମ୍ପଦର ବର୍ଣ୍ଣନା କରିଦେଇଛନ୍ତି। ପରନ୍ତୁ ଅଢ଼େଇ ଶ୍ଳୋକର ଶେଷରେ ଅଦ୍ରୋହ କିପରି ରଖାଯାଇପାରେ - ଅର୍ଥାତ୍ ଆତଙ୍କ ଖେଳାଇବା ବିନା ଶାନ୍ତି ପୂର୍ବକ ଦ୍ରୋହ ନ କରି କିପରି ନିଜେ ରହିପାରିବ ଓ ଅନ୍ୟମାନେ ମଧ୍ୟ ରହିପାରିବେ ଶ୍ରୀକୃଷ୍ଣ ସେ ବିଷୟରେ କହିଛନ୍ତି।*

*ଶ୍ରୀକୃଷ୍ଣ କହିଛନ୍ତି କି ପାଖଣ୍ଡତା, ଅଭିମାନ, କ୍ରୋଧ, କଠୋର ବଚନ ଓ ଅଜ୍ଞାନତା ଏସବୁ ଦ୍ରୋହ ଭବନର ମୂଳ ପଥର ଅଟେ। ଦ୍ରୋହର କାରଣ ଆସକ୍ତି ରୂପକ ବନ୍ଧନ। ମୁକ୍ତ ମଣିଷ ବିଦ୍ରୋହୀ ହୋଇ ପାରେନା। ଦ୍ରୋହ ଲତାର ଫଳ ପିତା ହୋଇଯାଏ। ଏହି ଲତାରେ ଋତୁ ଅନୁସାରେ ଫୁଲ ଫୁଟି ନଥାଏ। ଯିଏ ପ୍ରବୃତ୍ତି ଓ ନିବୃତ୍ତିର ଫରକ ଜାଣିନାହିଁ ଏବଂ ଯେଉଁ କାମ ନ କରିବା କଥା ସେହି କାମ କରୁଥିବା ବ୍ୟକ୍ତି ସମାଜ ଦ୍ରୋହୀ ଅଟେ।*

*ଦୁଇଟି ଯୁବକ ଟ୍ରାକିଙ୍ଗରେ ବାହାରିଲେ। ଚାଲି ଚାଲି ଥକି ଗଲାପରେ ଟିକେ ରହିଗଲେ। ଜଣେ ଜିନିଷ ପାଖରେ ବସି ପଡିଲା, ଦ୍ୱିତୀୟ ଜଣକ ଆଖପାଖରେ ପାଣି ଖୋଜିବାରେ ଲାଗିଲା। ପାଖରେ ଏକ କୁଅ ଦେଖି ସେ ଆଡକୁ ଗଲା ଓ ପାଖକୁ ଯାଇ ଦେଖିଲା ସ୍ତ୍ରୀ ଲୋକଟିଏ ପାଣି କାଢୁଛି। ସେ ସେହି ସ୍ତ୍ରୀ ଲୋକଟିକୁ କହିଲା ମାତାଜୀ ! ବହୁତ ଶୋଷ ଲାଗୁଛି, ଟିକେ ପାଣି ପିଇବାକୁ ଦେବେ। ସ୍ତ୍ରୀ ଲୋକଟି କୂଅରୁ ପାଣିକାଢ଼ି ପିଇବାକୁ ଦେଲା। ଥଣ୍ଡା, ଶୀତଳ ଜଳ ପିଇ ଲୋକଟି ନିଜ ସାଥି ପାଖକୁ ଆସିଲା। ବସିଥିବା ସାଥିଟି ପଚାରିଲା ତୋତେ ପାଣିକାଢ଼ି ପିଇବାକୁ ଦେଲେ ? ପାଣି ପିଇ ଫେରିଥିବା ସାଥିଟି କହିଲା ହଁ। ପ୍ରେମର ସହିତ ମାଗିଲେ ନିଶ୍ଚୟ ଦେବେ। ମିତ୍ରଟି ପୁଣି ପଚାରିଲା ତୁ ତାଙ୍କୁ କଣ କହିଲୁ ? ସେ ଉତ୍ତର ଦେଲା, କହିଲି ମାତାଜୀ ! ପାଣି ଟିକେ କାଢ଼ି ପିଇବାକୁ ଦେବେ ଆଉ ସେ ପିଇବାକୁ ଦେଲେ। ଏକଥା ଶୁଣି ବସିଥିବା ସାଥିଟି କୂଅ ପାଖରେ ପହଞ୍ଚି କହିଲା ହେ ମୋର ପିତାଙ୍କର ପତ୍ନୀ ! ମୋତେ ପାଣିଟିକେ ଦେବେ କି ? ଏହା ପରେ ଆବଶ୍ୟକତା ନାହିଁ ପାଣି ତ ମିଳିଲା ପରନ୍ତୁ ଆଞ୍ଜୁଳାରେ ନୁହେଁ। ସ୍ତ୍ରୀ ଲୋକଟି ପୁରା ପାଣିଗରା ତା ମୁଣ୍ଡରେ ଅଜାଡି ଦେଲା। ଏହାର ନାମ ହେଉଛି ଦ୍ରୋହ। ଶ୍ରୀକୃଷ୍ଣ ଏହାର ଅତି ସୂକ୍ଷ୍ମ ବିଚାର ଆମ ମାନଙ୍କୁ ବୁଝାଇଛନ୍ତି।*

(କ୍ରମଶଃ)



ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।

**କ୍ଷୀରୋଦ ଦାସ**

ଭାଗ-୩୬

# ସମ୍ପର୍କର ସୂତା ଖିଅ

ଧିକ୍ ଏପରି ଜୀବନ। ଧିକ୍ ଧନ ଯୌବନ। ସବୁ କିଛି କ୍ଷଣସ୍ଥାୟୀ। ସବୁ କିଛି ପଶିଯିବ ଦିନେ ସମୟର ଗର୍ତ୍ତ ଭିତରେ। ଗର୍ବ ଅହଙ୍କାର! ସବୁକିଛି ମୁଠାଏ ମାଟିରେ ପରିଣତ ହୋଇଯିବ ଦିନେ। ଦିନେ ଚାହୁଁ ଚାହୁଁ ଜଳନ୍ତା ଜୁଇ ଉପରେ ଶୋଇଯିବ ଏ ବିଫଳ ଜୀବନ। ତା'ପରେ ସହସା ନିରବଚ୍ଛିନ୍ନ ଅନ୍ଧକାର। ମୁଠାଏ ପାଉଁଶ।

ଚମ୍କି ପଡିଲା ମମତା। ତା' ଛାତି ଭିତରେ କିଏ ଯେପରି ଧାଏଁ ଧାଏଁ ହାତୁଡି ପାହାର ପିଟି ଚାଲିଥିଲା। ଧଇଁ ସଇଁ ହୋଇ ଯାଉଥିଲା ସେ। ସର୍ବାଙ୍ଗ ଶରୀର ତିନ୍ତି ଯାଇଥିଲା ଝାଳରେ। ଗୋଡ଼ହାତ ଥରୁଥିଲା ଅସମ୍ଭବ ଭାବେ। ରାତି ସେତେବେଳକୁ କେତେ ହେବ କେଜାଣି? ଟେବୁଲ୍ ଉପରୁ ପାଣି ଜାର୍‌ଟା ଆଣି ଢକ୍ ଢକ୍ କରି ପିଇଗଲା କାହିଁ କେତେ ଯୁଗରୁ ତୃଷାର୍ତ୍ତ ଥିବା ଭଳି। ପିଇଲା ଏବଂ ଖଟ ଉପରେ ବସିଲା। ଧାର ଧାର ଲୁହ ବୋହି ଯାଉଥିଲା ତା' ଆଖିରୁ। ସମଗ୍ର ଶରୀର ଚିପୁଡି ହୋଇଯାଉଥିଲା ଅଜଣା ଏକ ଦୁଃଖରେ।

ଲାଇଟ୍ ଜଳାଇ ସେ ବସିଲା ଚେୟାରରେ। ଚାହିଁଲା ଖଟ ଉପରେ ଶୋଇଥିବା ତା' ମମିକୁ। ଦୀର୍ଘଦିନ ହେଲାଣି, ଶ୍ୱାସ ରୋଗଟା ତାକୁ ହଲାପଟା କରୁଛି। ଦିନକୁ ଦିନ ଶୋଷି ପକାଉଛି। ଧୀରେ ଧୀରେ ତା' ଜୀବନ ଶେଷ ହୋଇଯିବା ପରି ଲାଗୁଛି। ମମତା ସେଆଡୁ ମୁହଁ ଫେରାଇ ଆଣିଲା। ଡ୍ରୟାର୍ ଭିତରୁ ବାହାର କଲା ଖଣ୍ଡେ କାଗଜ ଓ କଲମ।

- "ମାଇଁ, ତମେ ମୋ ଆଖିରୁ ଅହମିକାର ଅନ୍ଧପୁଟୁଳି ଖୋଲି ଦେଇଛ। ଏବେ ମୁଁ ଚାଲିଲି ମୋ ଗନ୍ତବ୍ୟ ପଥରେ। ତମେ ଓ ମାମୁଁ ଜମା ବ୍ୟସ୍ତ ହେବନି। ତମ ଦୁଇଜଣଙ୍କର ଋଣ ଏ ଜୀବନ କାଳ ଭିତରେ କେବେ ଶୁଝି ହେବନି। ମମିର ଅବସ୍ଥା ଭଲ ନାହିଁ। ତା କଥା ଟିକେ ବୁଝୁଥିବ। ବଞ୍ଚିଥିଲେ ମୁଁ ପୁଣିଥରେ ଆସିବି। ସେତେବେଳେ ତମେ ପାଇବ ଅନ୍ୟ ଏକ ମମତାକୁ...। ମମି ଯଦି ମନ ଦୁଃଖ କରେ କିମ୍ବା କାନ୍ଦେ, ତାକୁ ବୁଝାଇଦେବ, ଦୁନିଆର ଅନ୍ୟ ଝିଅମାନଙ୍କ ପରି ତାଙ୍କ ଝିଅ ତା' ଭାଗ୍ୟକୁ ଲୋଡି ଲୋଡି ଯାଇଛି। ସେଇ ଖୋଜିବା ଓ ଲୋଡ଼ିବାର ସଫଳତା ଉପରେ ନିର୍ଭର କରେ ତା' ଜୀବନର ସାର୍ଥକତା...।"

ରାତି ପାହିପାହି ଆସୁଥିଲା। କବାଟ ଖୋଲି ଧୀରେ ପଦପାତରେ ମମତା ଅଦୃଶ୍ୟ ହୋଇଗଲା ଫିକା ଅନ୍ଧକାରରେ।

ଏକମୁହାଁ ହୋଇ ଚାଲିଥିଲା ମମତା। ଅତୀତ ମେଞ୍ଚାଏ ଭସା ବାଦଲ ପରି ଭାସି ଯାଉଥିଲା, ତା' ମନ ଉପର ଦେଇ। ଭାସି ଯାଉଥିଲା ତ ଝରଝର ହୋଇ ଉଷୁମ ଲୁହ ବୁନ୍ଦାବୁନ୍ଦା ଝରି ପଡୁଥିଲା ଆଖିରୁ। କେତେ ଲୁହ ସେ ଝରାଇବ ଆଖିରୁ? ଆଖିର ଲୁହରେ ସମୁଦ୍ରଟେ ସୃଷ୍ଟି ହୋଇଗଲେ ମଧ, ସାରା ପୃଥିବୀ ଜଳମଗ୍ନ ହୋଇଗଲେ ମଧ ହୋଇପାରିବ କି ତା' କୃତକର୍ମର ସାମାନ୍ୟତମ ପ୍ରାୟଶ୍ଚିତ?

ତା' ତଣ୍ଟିରେ ଅଟକିଯାଇଛି କି ମାଛ କଣ୍ଟାଟେ? ତା' ଭିତରେ ସତ୍ତାଟିକୁ କେହି ଜଣେ ମୋଡିପକାଇଛି କି ନିର୍ମମ ଭାବରେ?

ସୁରେନ୍ଦ୍ର ଏବେ କ'ଣ କରୁଥିବ? କେମିତି ଚଳୁଥିବ ଏକା ଏକା? ସକାଳୁ ଉଠି ନିତ୍ୟକର୍ମ ସାରି ରୋଷେଇ କରୁଥିବ। ତରବର ହୋଇ ଗାଧୋଇ ଖାଇ ବାହାରି ଯାଉଥିବ ମେଡିସିନ୍ ଷ୍ଟୋରକୁ। ଜୀବନର ପ୍ରଥମ ଆବଶ୍ୟକତା ପୂରଣ କରିବା ପାଇଁ ନୟାନ୍ତ ହୋଇ ଖଟୁଥିବ ଦୋକାନରେ। ରାତି ଏଗାରଟା ବେଳକୁ କ୍ଳାନ୍ତ ଦେହ ମନ ନେଇ ସାଇକେଲରେ ଫେରୁଥିବ ବସାକୁ। ଦିନରେ ବଳିଥିବା ଖାଦ୍ୟତକ ଖାଇ ଦେଇ ଅଚେତ ହୋଇ ଶୋଇପଡୁଥିବ ଖଟ ଉପରେ!

ଆଜି ଏତେ ଦିନପରେ ସେ ଫେରୁଛି ସୁରେନ୍ଦ୍ର ପାଖକୁ। ତା' ସ୍ୱାମୀ ପାଖକୁ। କେଉଁ ମାନସିକତା ନେଇ ସେ ଗ୍ରହଣ କରିବ ତାକୁ? ଗ୍ରହଣ କରି ନ ପାରେ ବି! ଏତେ କାଣ୍ଡ କରିସାରି ଜଣେ ସ୍ତ୍ରୀ ଲୋକ କାଇଁକି ଆଶା କରିବ ଏତେ ଉଦାରପଣ ଜଣେ ପୁରୁଷଠାରୁ, ସ୍ୱାମୀଠାରୁ?

ସମସ୍ତ ଅହଙ୍କାର ଓ ଜିଦ୍‌ଖୋର ମନୋଭାବକୁ ତ୍ୟାଗ କରି ସେ କାହିଁକି ହୋଇପାରିଲା ନାହିଁ ଦୁନିଆର ଅନ୍ୟ ଝିଅମାନଙ୍କ ପରି? ଧନ ଐଶ୍ୱର୍ଯ୍ୟର, ଅନ୍ଧମମତାର କାନ୍ଧକୁ ଡେଇଁପାରିଲା ପରି ମାନସିକତା ଟିକକ କାଇଁକି ଭଗବାନ ଦେଲେ ନାଇଁ ତାକୁ? ନା, ଭଗବାନଙ୍କୁ ଦୋଷ ଦେଇ କିଛି ଲାଭ ନାଇଁ। ତା'ର ଏପରି ମନମୁଖୀ ଉଦ୍ଧତ ମନୋଭାବ ମୂଳରେ ଥିଲା କେବଳ ଅର୍ଥ, ପ୍ରତିଷ୍ଠାକୁ ବଡ ବୋଲି ଭାବୁଥିବା ତା' ଡ୍ୟାଡିମମ୍ମିଙ୍କର କୁତ୍ସିତ ପ୍ରବୃତ୍ତି।

ମା' ହିସାବରେ ମମି କେବେ କହିଛି କି- "ମା'ରେ, ପ୍ରତିଟି ଘରେ ଏଇଭଳି ଛୋଟବଡ଼ ଝଗଡ଼ା ଚିରନ୍ତନ ଲାଗିରହିଥାଏ। ତୁ ତ ତାଙ୍କୁ ଭଲପାଇ ଏ ଘର ଛାଡ଼ି ଚାଲିଯାଇଥିଲୁ! ଆଜି ପୁଣି ସେଠୁ ଝଗଡ଼ା କରି ଚାଲି ଆସିଲୁ? ଏଇ ତୋର ଭଲ ପାଇବା? ଆସିଛୁ ଯଦି ଚାରି ଆଠଦିନ ରହ। ତୋ ଡ୍ୟାଡି ତତେ ନେଇ ଛାଡ଼ି ଆସିବେ!"

ଏପରି କଥାପଦେ ଶୁଭିଛି କି କେବେ ମମି ମୁହଁରୁ?

ଆଉ ଡ୍ୟାଡି! କେବଳ ଟଙ୍କାକୁ ବାଦ୍‌ଦେଲେ ତାଙ୍କ ଚତୁଃପାର୍ଶ୍ୱରେ ମଣିଷ, ଜୀବଜନ୍ତୁ, ଗଛଲତା, ସମ୍ପର୍କ ସବୁ ଅର୍ଥହୀନ, ନିର୍ଜୀବ। ତାଙ୍କ ନିଦ ଭାଙ୍ଗେ ଟଙ୍କା କଥା ଭାବିଭାବି, ନିଦ ଲାଗେ ଟଙ୍କା କଥା ଭାବିଭାବି। ମାନବିକତା, ସ୍ନେହ, ପ୍ରେମ, ଶ୍ରଦ୍ଧାଳୁ ସେ ତଉଲନ୍ତି ଟଙ୍କାର ଓଜନରେ।

ଚରମ ଅପମାନ ଦେଇ ସେଦିନ ସୁରେନ୍ଦ୍ରକୁ ଫେରାଇ ଦେଲେ ଗେଟ୍ ପାଖରୁ। ଧକ୍କା ଦେବାପରି ସେ ଅପମାନ। ଡ୍ୟାଡିଙ୍କର ଏ ପ୍ରକାର ବ୍ୟବହାର ଦେଖି ସେ ବି ଉତ୍ସାହିତ ହୋଇଥିଲା। ଯେତେହେଲେ ତାଙ୍କରି ରକ୍ତ ତ ପ୍ରବାହିତ ତା' ଦେହରେ! ସେ ବା କିପରି ଦେଖାଇ ପାରିଥା'ନ୍ତା ଅନ୍ୟପ୍ରକାର ବ୍ୟବହାର?


ସବୁ ଜଣାପଡୁଛି ପ୍ରବଞ୍ଚନାମୟ, ବିଭ୍ରାନ୍ତିକର। ଆଖି ସାମ୍ନାରେ ସବୁ ରାସ୍ତା ବନ୍ଦ। ଗୋଟେ ଚରମ ଶୂନ୍ୟତା, ଜଡସଡ ଭାବନା ସଞ୍ଚରି ଯାଉଚି ଚାରିଆଡେ। ତା' ଭିତରେ ବାହାରେ। ଦେହ ଓ ମନରୁ ଜୀବନ ଓ ବଞ୍ଚି ରହିବାର ସବୁ ଆଗ୍ରହ ଖସିପଡୁଛି ଗଛ ଉପରୁ ଶୁଖିଲା ପତ୍ରଟିଏ ଖସି ପଡିବା ଭଳି। ମନ ହେଉଛି, ଗଳା ଫଟାଇ କାନ୍ଦି ପକାଇବା ପାଇଁ। କାନ୍ଦିକାନ୍ଦି ସାରା ପୃଥିବୀକୁ ଜଣାଇଦେବାକୁ ତା ଭୁଲ୍ ବିଷୟରେ। ସମସ୍ତେ କାନ ଡେରି ଶୁଣନ୍ତେ ତା' ଚିତ୍କାର। ତାକୁ ଧିକ୍‌କାର କରନ୍ତେ, ତା' ମୁହଁ ଉପରକୁ ଛେପ ଫୋପାଡନ୍ତେ। ତେବେ ଯାଇ କିଛି ମାତ୍ରାରେ ପ୍ରାୟଶ୍ଚିତ ସେ କରିପାରନ୍ତା ନିଜ କୃତକର୍ମର।

ଗୋଟିଏ ଅଥର୍ବ ମଣିଷ ପରି ସେ ଠିଆହେଲା, 'ମା' ଦୁର୍ଗା ମେଡିସିନ୍' ଦୋକାନ ସାମ୍ନାରେ। ତା ହାତଗୋଡ ଥରୁଥିଲା। ଧପ୍ ଧପ୍ ହେଉଥିଲା ଛାତି। ନିର୍ଜୀବ ସ୍ୱରରେ ସେ ପଚାରିଲା- "ସୁରେନ୍ଦ୍ର, ଆଇ ମିନ୍ ସୁରେନ୍ଦ୍ର କୁମାର ମହାନ୍ତି ଅଛନ୍ତି କି? ଟିକିଏ ଡାକି ଦେବେ?

(କ୍ରମଶଃ)

# ଲଣ୍ଠନ

**ମୈତ୍ରେୟୀ କାମିଲା**



ଗାଁକୁ ଯିବା ପାଇଁ ଶେଷ ବସ ସଂଧ୍ୟା ୫.୩୦। ଘରେ ପହଞ୍ଚିବାକୁ ଦେଢ଼ଘଣ୍ଟା ଲାଗିବ। ତରବରରେ ସବୁ କିଛି ସଜାଡି ରାସ୍ତାକୁ ଉଠିଲା ସଞ୍ଜୟ। ବସ ଆସିବାକୁ ଆହୁରି ପନ୍ଦର କୋଡିଏ ମିନିଟ ବାକି ଅଛି। ଏତେ ବ୍ୟସ୍ତତା ଭିତରେ ସେ ଆଜିର ଖବରକାଗଜଟା ଆଣିବାକୁ ଭୁଲି ନଥିଲା। ଯାହଉ ବସ ଠିକ ସମୟରେ ଆସି ପହଞ୍ଚିଗଲା। ଘରେ ପହଞ୍ଚି ହାତଗୋଡ ଧୋଇ ବାପାଙ୍କୁ ଖୋଜିଲା। ଅପା କହିଲା ବାପା ବାହାରକୁ ଯାଇଛନ୍ତି। ଗାଁରେ ବିଜୁଳିକାଟ ସବୁବେଳେ। ଅପା ଲଣ୍ଠନଟା ଜାଳି ତା ସାମନାରେ ଥୋଇଦେଇଛି। ଦୁଆର ମୁହଁରେ ବାପାଙ୍କୁ ସେ ଠିକ୍ ଦେଖି ପାରିଲା ଲଣ୍ଠନ ଆଲୁଅରେ। ବାପା ପଚାରିଲେ କେତେବେଳେ ଆସିଲୁ କିରେ? ଏଇନେ। ସଞ୍ଜୟ ତା ବେଗ ଭିତରେ ମୋଡି ମାଡି ରଖିଥିବା ଖବରକାଗଜଟା ବାହାର କରି ବାପାଙ୍କୁ ଦେଖେଇ କହିଲା 'ଦେଖ ବାପା ଆଜି ମୋର ପିଏଚ୍‌ଡି ପାଇବା ଖବରକାଗଜରେ ବାହାରିଚି। ଲଣ୍ଠନଟାକୁ ତେଜ କରି ପଢ଼ିସାରିବା ପରେ ବାପା ଖୁବ୍ ଖୁସି ଜଣାପଡିଲେ। ସେଇ ଆଲୁଅରେ ବାପାଙ୍କ ଆଖିରୁ ଦୁଇବୁନ୍ଦା ଲୁହକୁ ଠିକ ଭାବରେ ଦେଖିପାରିଲା ସଞ୍ଜୟ। ବାପା ଲଣ୍ଠନଟା ନେଇ ବୋଉର ଫଟୋକୁ ଏକ ରକମ ଅନେଇ ରହିଲେ। ଲଣ୍ଠନ ଆଲୁଅରେ ବୋଉର ଫଟୋ ଭାରି ଉଜ୍ଜ୍ୱଳ ଦିଶିଲା ସଞ୍ଜୟକୁ।


ସମୟଟା ଉଡି ଯାଉଥିଲା ତା ବାଟରେ। ଘର ଛାଡିବାର କୋଡିଏ ବର୍ଷ ଅତିକ୍ରାନ୍ତ ହେଲାଣି ସଞ୍ଜୟଙ୍କର। ଏବେ ସେ ବିଶ୍ୱବିଦ୍ୟାଳୟର ରିଡର। ଅପା ବାହାଘରର ଦୁଇବର୍ଷ ପରେ ବାପା ଚାଲିଗଲେ। ବେଳେବେଳେ ବାପା ବୋଉ ଆଉ ଗାଁର ସ୍ମୃତି ସବୁ ଗୋଟେଇ ସତେଜ କରନ୍ତି ମନ ଆଇନାରେ। କାଲିପରି ସବୁ ମନେ ଅଛି, ସେଇ ଘର, ବାଡି, ଗଛ, ସ୍କୁଲ କାନ୍ଥରେ ଚକଖଡିର ଛାପ। ସାମ୍ନା ପଟେ ସେ ଗଙ୍ଗଶିଉଳି ଗଛ।

ଥରେ ଦୁର୍ଗାପୂଜା ଛୁଟିରେ ସମସ୍ତଙ୍କୁ ନେଇ ଗାଁ ଘର ବୁଲେଇ ଆଣିବାକୁ ବାହାରିଲେ ସଞ୍ଜୟ। ତାଙ୍କର ଜଣେ ସମ୍ପର୍କୀୟ ଭାଇ ସେ ଘରେ ରହି ଦେଖାଶୁଣା କରନ୍ତି। ଘରଟା ପକ୍କା ହୋଇଯାଇଛି। ଚଳିବା ମୁତାବକ ଜିନିଷ ସବୁ ମହଜୁଦ ଅଛି। ଆଉ ଘରର ପୂର୍ବ ଜିନିଷ ତା ଜାଗାରେ ଅଛି। ହଠାତ୍ କାନ୍ଥର ଥାକରେ ସେ ପୁରୁଣା ଲଣ୍ଠନ ଦେଖି ସଞ୍ଜୟ ଅଟକି ଗଲେ।

ମହଣ ମହଣ ସ୍ମୃତି ଭରି ରହିଥିଲା ତା ଭିତରେ। ଉଠାଇ ଆଣି ଦେଖୁଥିଲେ। କେତେ ସୁଖ ଦୁଃଖର ସାଥି ଏଇ ଲଣ୍ଠନ। ସଞ୍ଜ ହେଲେ ଏଇଟା ଜାଳି ଭାଇ, ଭଉଣୀ ମସିଣା ପକେଇ ବସି ପାଠ ପଢ଼ନ୍ତି। ବାପାଙ୍କଠୁ କେତେ କଥା ଶିଖନ୍ତି। କେତେବେଳେ ପୁଣି ଝିଣ୍ଟା ଧରି ଡରାନ୍ତି ଅପାକୁ। ଏଇ ସମୟରେ ଝିଅ ରୋଜ ଆସି ପଚାରିଲା "ପାପା ଏଇଟା କଣ? ବୁଝେଇ କହିଲେ ଯାକୁ ଲଣ୍ଠନ କୁହନ୍ତି। ଆଗରୁ ଆମ ଗାଁରେ ବିଜୁଳି ଚାଲିଗଲେ ଆମେ ଯା ସାହାରାରେ ବଞ୍ଚୁଥିଲଉ। ଯେତେ ଝଡବର୍ଷା ଆସିଲେ ବତୀ ଚାରିପଟ କାଚ ତାକୁ ସୁରକ୍ଷା ଦିଏ।

ରୋଜ ଘରକୁ ପେରି ଦିନେ ପାପାଙ୍କୁ ଲଣ୍ଠନର ଚିତ୍ର କରି ଦେଖେଇଲା। ପାପା ଦେଖିଲେ ଏଇଟା ସେଇ ଲଣ୍ଠନ ନା। ସଞ୍ଜୟ ରୋଜଠୁ ଆଉଟିକେ ରଙ୍ଗ ନେଇ ସେଥିରେ ଭରି ଦେଲେ, ଠିକ ଲଣ୍ଠନ ଜଳିଲା ଭଳି ଦେଖାହେଲା। ଆଉ ତାକୁ କହିଲେ "ଦେଖ ଲଣ୍ଠନ ଜଳିଲେ ଏମିତି ଦେଖାଯାଏ। ଏବେ ଲଣ୍ଠନ ଆଲୁଅରେ ବାପା ଝିଅଙ୍କ ମୁହଁରେ ହସଟା ଆଉଥରେ ଖେଳିଗଲା।

*ନଭିମୁମ୍ବାଇ*










**ସାଦ୍ୟାନ୍ତ ଶତପଥୀ**
ଷ୍ଟାଣ୍ଡାର୍ଡ - ୨
ମଦର୍ସ ପବ୍ଲିକ ସ୍କୁଲ
ପୁରୀ

## ବିଶେଷ କବିତା



# ଭଲ ପାଇବାର ସେ ଅମୋଘ ମନ୍ତ୍ର

**ଅନସୂୟା ପଣ୍ଡା**





ଅନେକଙ୍କ ପରି ମୋର ବି
ସେଇ ଅଭ୍ୟାସ ରହିଛି,
ଜୁଆ ଖେଳିବା!
ବାଜି ହାରିଗଲେ ଖୁବ ବିକ୍ଷିପ୍ତ
ହୋଇଯାଉଥିଲି,
ଯେବେ ଜାଣୁଥିଲି ପୁଣି
ସଂଗଠିତ ହେଉଥିଲି,
ଅନାହୁତ ଭବିଷ୍ୟତକୁ ହାତ
ମୁଠାରେ ବାନ୍ଧିବାରେ ନିରାଶ
ହୋଇ ଆଜିକୁ ବି ବ୍ୟର୍ଥ
ଅତୀତର କରାଳ ଗର୍ଭକୁ ଠେଲି
ଦେଉଥିଲି
ପୁଣି ଘଟଣାର କାରଣ ଖୋଜି
ନିରସ ହେଉଥିଲି।
ଜିତିବା, ହାରିବା,
ପାଇବା, ନପାଇବା,
ସୁଖ, ଦୁଃଖର ଖେଳ ଜୁଆ
ଖେଳ ନୁହେଁ ତ ଆଉ କଣ!
ଏ ତ' ସବୁବେଳେ ସ୍ୱାଭାବିକ,
ମହମଟି ସାମାନ୍ୟ ଅଗ୍ନି
ତାପରେ ତରଳିବ, ବଜ୍ର ନୁହେଁ।
ବଜ୍ର ପରି ହେବାବି ଏକ
ଅହରହ ସାଧନା,
ଅବିଚ୍ଛିର୍ଣ୍ଣ ପ୍ରୟାସ।
କିଶୋରୀ ମନର ଅସଂଶୟ
ପ୍ରେମ ଆଣି ତୁମେ ଆସିଥିଲ!
କିଛି ସଫଳତାର ବାର୍ତ୍ତା ନେଇ,
ଶାନ୍ତିର ଅତୁଟ ସଂଗୀତ ଗାଇ,
ମାୟାର ରୌଦ୍ର ତାପରେ
ଶାଣିତ ଏ ମନରେ ଖୁସିର
ଏକ ଦିବ୍ୟ ରେଖା ଟାଣି,
ଧୋଇ ଦେଲ ସବୁ
ଅପରିପୂର୍ଣ୍ଣତାର କ୍ଳାନ୍ତି,
ଅଭିଯୋଗ, ଅଶାନ୍ତିର ଆବିଳତା,
ଅନେକ ଅସଫଳତାର ଗ୍ଳାନି।
କହୁଥିଲ,
ଯାହା ଅଛି ତାର ଜୟ ଗାନ କ,
ଯାହା ଦରକାର ସେ ବିଷୟରେ ଭାବ,
ନିଜକୁ ଭଲପାଅ,
ଖୁବ ଆପଣାର ପରି ନିଜ ସହ କଥା ହୁଅ,
ସଂକଳ୍ପରେ ଜିତିବାର ଦୃଢ଼ତା ରଖ,
ସବୁ କାରଣ ନିବାରଣ ହୋଇଯିବ,
ଆନନ୍ଦର ମୁଲାୟମ ଛତା ଭରସା ଦେବ।
ତୁମେ ଶିଖେଇ ଥିବା ଭଲ
ପାଇବାର ସେ ଅମୋଘ ମନ୍ତ୍ର,
ବିଶ୍ୱାସର ସେ ଅଖଣ୍ଡ ଶିଖା,
ମୋ ଭିତରେ ଜଳୁଥିବା ଭୟର
ମଳିନତାକୁ ଧୋଇ ଶାନ୍ତିର
ଶୀତଳତାରେ ଭରି ଦେଲା,
ସେଇ ଶୀତଳତା ଯାହା
ସମସ୍ତଙ୍କର ପ୍ରଥମ ଓ ଶେଷ ଲକ୍ଷ୍ୟ।

*କାର୍ଡଗୁଡି, ବାଙ୍ଗାଲୋର*
*ଦୂରଭାଷ : ୯୮୪୦୭୦୬୧୪୦*

# ଫିଙ୍ଗିଦେବି



**ଡକ୍ଟର ରାଜୀବ୍ ଷଡଙ୍ଗୀ**




କରିଛି ମୁଁ ପଣ ଆରେ ନେତାଗଣ
ରାଇଜେ ରଖେଇ ଦେବିନାହିଁ
ସରିଗଲା ତୁମ ଆରାମ ଜୀବନ
ବିରାମ ସେଥିରେ ଦେବିମୁହିଁ।
ବିଧାନସଭାକୁ ସମୁଦ୍ରେ ଫିଙ୍ଗିବି
ସଚିବାଳୟକୁ ନିଆଁରେ ପୋଡିବି
କିରାଣୀ ଦଳକୁ ଚାକର ରଖିବି
ଅମଲାଗୁଡାକୁ ବିଲେ ଖଟେଇବି।
ଆରେ ଆରେ ମୁର୍ଖଦଳ ଶୁଣ ମୋର ବାଣୀ
ସରିଗଲା ଖେଳ ତୁମ ହୁଅ ଏବେ ଋଣୀ
ଦେଶକୁ ନେଇକି ରସାତଳେ କଲ
ନିଜ ପିଲାଛୁଆ କେବଳ ଦେଖିଲ
ଦେଶ ଦଶପାଇଁ କିଛି କଲ ନାହିଁ
କେବଳ ନିଜର ପକେଟେ ଭରିଲ।
ଗଣତନ୍ତ୍ର ନାମେ ଏକଛତ୍ରୀ ହେଲ
ଜନତାକୁ ନିଜ ଚାକର ମଣିଲ
ଏବେ ଦେଖ ସେଇ ଜନତା କେମିତି
ଜୋତାରେ ପିଟିବେ ତୁମରି ଗାଲକୁ
ସବୁଦିନେ ରହେନାହିଁ ଗୁଣ୍ଡାଗରୀ
ଆସିଲେ କଳକୀ ନିଜେ ଅବତାରୀ।
ଦେଖରେ ଭଡୁଆ ଯେଉଁ କୁକର୍ମ କରିଛ
ତାହାର ପ୍ରମାଣ ମିଳେ ସବୁରି ପୋଥିରୁ
ସେଇପରମାଣେ ଦଣ୍ଡତ ପାଇବ
ଜନତାର ଘରେ ଗୋତିଶ୍ରମିକ ହୋଇବ
ଯେଉଁ ଦୁର୍ନୀତିରେ ମଞ୍ଜି ପୋତି ଦେଇଥିଲ
ସେଇ ଗଛ ଏବେ ତୁମକୁ ଖାଇବ।
କଳିଯୁଗ ସରି ସରି ଆସିଲାଣି
ନୂତନ ସୁରୁଜ ମୁଣ୍ଡ ଟେକିଲାଣି
ଛତା ଜୋତା ଭତ୍ତା ଦେଇ
ଭାବିଥିଲ ବସି ଅଅସ କରିବ
ସେଦିନ ଯାଇଛି ସରି
ସରମରେ ଯାଅ ମରି।
କରିଛି ମୁଁ ପଣ ଆରେ ନେତାଗଣ
ରାଇଜେ ରଖେଇ ଦେବିନାହିଁ
ସରିଗଲ ତୁମ ଆରାମ ଜୀବନ
ବିରାମ ସେଥିରେ ଦେଲିମୁହିଁ।

*ସୂର୍ଯ୍ୟ ନିଳୟମ, କୁଣ୍ଡି*
*କୁମୁଡା ଜୟପୁର, କୁଆଁପାଳ,*
*ମାହାଙ୍ଗା, କଟକ*

# ମଧୁକ୍ଷରା ସ୍ୱପ୍ନ ଭୁବନ

**ଅନୀତା ପାଣି**





ସୁନୀଳ ସାଗର ବକ୍ଷେ
ଅଶାନ୍ତ ଉର୍ମିମାଳା
ଦର୍ଶକକୁ ଦେଇ ପାରେ
ଅପାର ଆନନ୍ଦ
ବଶୀଭୂତ କରିପାରେ
ଅଶାନ୍ତ ମନକୁ
ନୀଳ ନିର୍ଭନେ କରି
ବିମୋହିତ।
ସାଗର ଜଆରିଆ ପଣ
କୌତୁକେ ଉପଭୋଗ୍ୟ
କିଛି କ୍ଷଣେ ବେଳାଭୂମିରେ
ବିଲୀନ ନୀଳ ଲହରୀ।
ମନ ତଳେ ଆନ୍ଦୋଳିତ
ଜୁଆର ଭଟ୍ଟା ଦେଖି କିଏ ପାରୁଛି?
କେତେ ସପନ ଲହଡି
ବିବେକ ବେଳାଭୂମିରେ
ସତ୍ତା ହଜାଇ ଦେଇଛି।
ମନର ଅଶାନ୍ତପଣ କିଏ
କରିଛି କରାୟତ
ଚାହୁଁ ଚାହୁଁ ଧରାଶାୟୀ
ହୋଇଛି ଯା ସପନ ସଉଧ।
ତଥାପି, ଅଭିମାନେ ଉଠିପଡି
ଆଖିରେ ଆଖିଏ ସପନ ବୋଳି
ମନର ଅଗଣା ଡେଇଁ
କଳକଳ ଛଳଛଳ
ଛନ୍ଦାୟିତ ଝରଣା ଲକ୍ଷ୍ୟ ଧରି
ନବୀନ ଆଶା ଅସୁମାରି
ସପନକୁ କୋଳାଗ୍ରତ କରି
ଧାଉଁଥାଏ ସାଗରରେ
ହଜିଯିବା ପାଇଁ।
ଉର୍ମିମାଳା ସମ ଅବିରତ
ତରଙ୍ଗାୟିତ ଏ ମନ...
ସମ୍ପର୍କ ପଥେ ଭେଟିଛି
ଅବିଶ୍ୱାସ, ଈର୍ଷା, ଛଳନା, ଅଲୋଡା
ନୀଳ ସୁବିଶାଳ ଆବେଗ ଲହରୀ।
ବାରବାର ଆନ୍ଦୋଳିତ
ପ୍ରତିଘାତକୁ ଅଙ୍ଗୀକାର କରି
ଅହଂ ବିସର୍ଜି ଦେଇ
ଖୋଜେ ପ୍ରୀତିଭରା ଆଲିଙ୍ଗନ
ମଧୁଭରା ସୁକୋମଳ ବଚନ
ମଧୁକ୍ଷରା ସ୍ୱପ୍ନର ଭୁବନ।

*ସାଉଥ ବଳଣ୍ଡା, ତାଳଚେର*
*ଦୂରଭାଷ : ୮୩୨୭୭୦୫୯୭୦*

# ଅବହେଳିତ ଅବସ୍ଥାରେ ଚିଲ୍ଡ୍ରେନ୍ ପାର୍କ



**ଉଦଳା :** ଅବହେଳିତ ଅବସ୍ଥାରେ ପଡିରହିଛି ଉଦଳାର ଏକମାତ୍ର ଚିଲ୍ଡ୍ରେନ୍ ପାର୍କ। ଦୀର୍ଘଦିନରୁ ଏକ ନୂତନ ପାର୍କ ଦାବି ହୋଇଆସୁଥିଲେ ମଧ ତାହା ଆଜିପର୍ଯ୍ୟନ୍ତ ଖୋଲିପାରିନାହିଁ। ମୟୂରଭଞ୍ଜ ଜିଲ୍ଲା ଉଦଳା ହାଇସ୍କୁଲ ପଡିଆରେ ଏ ହେଉଛି ଏକମାତ୍ର ଚିଲ୍ଡ୍ରେନ୍ ପାର୍କ। ପୂର୍ବରୁ ଏହି ପାର୍କକୁ ଅନେକ ଛୋଟ ଛୋଟ ପିଲା ଖେଳିବାକୁ ଆସୁଥିଲେ। ହେଲେ ଏବେ ଆଉ ବେଶି ପିଲାଙ୍କୁ ଦେଖିବାକୁ ମିଳୁନାହିଁ। କାହିଁକି ନା ଏହି ପାର୍କ ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି। ଏହି ପାର୍କରେ ଥିବା ଦୋଳି ଗୁଡିକ ଭାଙ୍ଗି ଗଲାଣି। ପ୍ରଶାସନର ଦୃଷ୍ଟି ପଡୁନଥିବା ଯୋଗୁ ଅନେକ ସମୟରେ ସ୍ଥାନୀୟ ଲୋକ ପ୍ରଶାସନକୁ ଜଣାଇଥିଲେ ମଧ କିଛି ସୁଫଳ ମିଳିପାରିନାହିଁ। ଛୋଟ ଛୋଟ ପିଲାମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ପାଇଁ ଅନେକ ଯୋଜନା ଥିବା ବେଳେ ଉଦଳା ଅଞ୍ଚଳରେ ବିକାଶ କିପରି ହେବ ତାହା ଏହି ଚିଲଡ୍ରେନ୍ ପାର୍କକୁ ଦେଖିଲେ ସ୍ୱଷ୍ଟ ଅନୁମେୟ। ଏହି ପାର୍କଟି ଦୀର୍ଘଦିନରୁ ଅବହେଳିତ ଅବସ୍ଥାରେ ପଡି ରହିଥିବାରୁ ଅନେକ ଦୋଳି ଭାଙ୍ଗି ଯିବା ସହ ପାର୍କକୁ ଲାଗିଥିବା ପାଚେରୀ ମଧ ଭାଙ୍ଗିଯିବାକୁ ବସିଲାଣି। ଏପରିକି ପୂର୍ବ ଅପେକ୍ଷା ଅନେକ ପିଲା ଆସୁନଥିବାର ଦେଖିବାକୁ ମିଳୁଛି। ତେବେ ଅବହେଳିତ ଅବସ୍ଥାରେ ପଡିଥିବା ଏକମାତ୍ର ଚିଲଡ୍ରେନ ପାର୍କକୁ ମରାମତି ସହ ଉନ୍ନତିକରଣ ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ମୟୂରଭଞ୍ଜ ଜିଲ୍ଲା ଉଦଳା ଏନ୍ଏସିର ଏ ହେଉଛି ଏକମାତ୍ର ଚିଲଡ୍ରେନ୍ ପାର୍କ। ଅବହେଳିତ ଅବସ୍ଥାରେ ପଡି ରହିଥିବା ପାର୍କ ଭିତରେ ସଫା ହେଉ ନଥିବା ଯୋଗୁ ସରୀସୃପ ରହୁଥିବର ଭୟ ଦେଖାଦେଇଛି। ତେବେ ଏ ସମ୍ପର୍କରେ ଉଦଳା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ସେ ନିଜେ ଚିଲ୍ଡ୍ରେନ ପାର୍କ ସମ୍ପର୍କରେ ଅବଗତ ଥିବା ବେଳେ ଖୁବ୍ଶୀଘ୍ର ଏହି ପାର୍କର ଉନ୍ନତିକରଣ କରାଯିବ ବୋଲି କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନାକେଦମ ...

ବିରୋଧୀ ଦଳ ରିତିମତ ଡ୍ରାମା କରୁଛନ୍ତି। କୁନ୍ଦୁଲି ଓ ଇତିଶ୍ରୀ ଘଟଣାରେ ସିବିଆଇ କି ତଦନ୍ତ କଲା ବୋଲି ଶ୍ରୀ ଦେବ ପ୍ରଶ୍ନ କରିଥିଲେ। ବିରୋଧୀ ଦଳ ଗୃହର ମୂଲ୍ୟବାନ୍ ସମୟ ଓ ସରକାରୀ ପଇସା ନଷ୍ଟ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରୁନି। ଗଣମାଧମରେ ଶସ୍ତା ପ୍ରଚାର ଓ ଖବରକାଗଜର ପ୍ରଥମ ପୃଷ୍ଠାରେ ରହିବାକୁ ବିରୋଧୀ ଏଭଳି ନାଟକ କରୁଛନ୍ତି ବୋଲି ସେ କହିଥିଲେ। ତେବେ ଗତକାଲି ମୁଖ୍ୟମନ୍ତ୍ରୀ ଦେଇଥିବା ବିବୃତି ଉପରେ ସ୍ୱଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ୍ କହିଥିଲେ, ମୁଖ୍ୟମନ୍ତ୍ରୀ ଗୃହରେ ଯେଉଁ ଘୋଷଣା କରିଛନ୍ତି, ତାହା ଉପରେ ସନ୍ଦେହ ପ୍ରକଟ କରାଯାଇଛି। ତେବେ ଖୁବ୍ଶୀଘ୍ର ପରୀ ଘଟଣାରେ ଅଦାଲତଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ ନେଇ ଗୃହ ବିଭାଗ ବିଜ୍ଞପ୍ତି ଜାରି କରିବ। ଏହି ସମୟରେ ବିଜେପି ସଦସ୍ୟମାନେ ହାତରେ ବ୍ୟାନର ଧରି ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ହଟ୍ଟଗୋଳ ଜାରି ରଖିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେପି ସଦସ୍ୟ ହଟ୍ଟଗୋଳ ଜାରି ରଖିଥିଲେ। ଏହା ମଧ୍ୟରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ଏହି ଘଟଣାରେ ଏସ୍ଆଇଟି ତଦନ୍ତ ନେଇ ମୁଖ୍ୟମନ୍ତ୍ରୀ ବିବୃତି ଦେଇସାରିଛନ୍ତି। ଗୃହକାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତ ବିଧାୟକଙ୍କୁ ମଧ ଅନୁରୋଧ କରିଛନ୍ତି। ତଥାପି ବିଜେପି ସଦସ୍ୟ ହଟ୍ଟଗୋଳ ଜାରି ରଖିଛନ୍ତି। କେନ୍ଦ୍ରରେ ବିଜେପି ସରକାର ଅଛି। ସଂସଦରେ କଂଗ୍ରେସ ସଦସ୍ୟ ହଟ୍ଟଗୋଳ କଲେ ସେମାନଙ୍କୁ ନିଲମ୍ବିତ କରାଯାଏ। ହଟ୍ଟଗୋଳ ଯୋଗୁଁ ରାଜ୍ୟ ସ୍ୱାର୍ଥ ସମ୍ବଳିତ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରୁନି। ଆଇନଶୃଙ୍ଖଳା, ଚାଷୀ ସମସ୍ୟା, ବେକାରୀ, କେନ୍ଦ୍ରର ଚାଷୀ ବିରୋଧୀ ଆଇନ ଆଦି ଭଳି ବିଭିନ୍ନ ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇପାରିଥାନ୍ତା। କେନ୍ଦ୍ରର ଚାଷୀ ବିରୋଧୀ ଆଇନ ଉପରେ ଆଲୋଚନାକୁ ଭୟ କରି ଗୃହରେ ଏଭଳି ବିରୋଧ ଜାରି ରହିଛି। ଦିଲ୍ଲୀରେ ବିଜେଡି-ବିଜେପି କୋଳାକୋଳି ହେଲେ ଏଠି କଳି। ସମସ୍ତ ସଦସ୍ୟ ଆସନକୁ ଆସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବାକୁ ସେ ଅନୁରୋଧ କରିଥିଲେ। ବିରୋଧୀଙ୍କ ହୋ-ହଲ୍ଲା ଭିତରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ଆରୁଖ୍ ପରୀ ଘଟଣାରେ ହାଇକୋର୍ଟ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ ପାଇଁ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖାଯାଇଥିବା ଅବଗତ କରିବା ସହ ଏହାକୁ ଉପସ୍ଥାପନ ପାଇଁ ବାଚସ୍ପତିଙ୍କ ଅନୁମତି ଲୋଡ଼ିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ଏସ୍ଆଇଟି ତଦନ୍ତ ପ୍ରକ୍ରିୟା ଆରମ୍ଭ ନେଇ ଗୃହକୁ ଅବଗତ କରାଇବା ସତ୍ତ୍ୱେ ବିଜେପି ସଦସ୍ୟ କୃଷିମନ୍ତ୍ରୀଙ୍କ ବହିଷ୍କାର ଓ ସିବିଆଇ ତଦନ୍ତ ଦାବିରେ ହଟ୍ଟଗୋଳ ଜାରି ରଖିଥିଲେ। ଏହାରି ଭିତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ଆରମ୍ଭ ହୋଇଥିଲା। ତେବେ ଏହି ଖର୍ଚ୍ଚଦାବିକୁ କଂଗ୍ରେସ ସଦସ୍ୟ ଅଧିରାଜ ପାଣିଗ୍ରାହୀ ବିରୋଧ କରି ବକ୍ତବ୍ୟ ରଖୁଥିବାବେଳେ ବିଜେପି ସଦସ୍ୟମାନେ ପ୍ରବଳ ହଙ୍ଗାମା ଆରମ୍ଭ କରିଦେଇଥିଲେ। ବାଚସ୍ପତିଙ୍କ ପୋଡିୟମ୍ ଉପରକୁ ଚଢ଼ି ମାଇକ୍ ଭାଙ୍ଗି ଦେଇଥିଲେ।

### ନ୍ୟାୟ ନମିଳିଲେ ...

ଏହାକୁ ଗଣମାଧମରେ ଜଣାଇବା ଉଦ୍ଦେଶ୍ୟରେ ପ୍ରାୟୋଜିତ କାର୍ଯ୍ୟକ୍ରମ କହୁଥିଲା ବେଳେ ବାସ୍ତବିକ ପୀଡିତ ଲୋକର ବେଦନା ସେ ହିଁ ଜାଣେ। ତେବେ 'ମୋ ସରକାର'ର ଏହି ବିଚିତ୍ର ଗତି ଦେଖି ପୋଲିସ ତଥା ପ୍ରଶାସନିକ ଅଧିକାରୀଙ୍କ ଉପରୁ ଲୋକଙ୍କ ଆସ୍ଥା ତୁଟିଗଲା ଭଳି ମନେହେଉଛି। ଗତ ଏକ ସପ୍ତାହ ମଧରେ ବିଧାନସଭା ଆଗରେ ଏହିଭଳି ତିନୋଟି ଘଟଣା ଘଟିବା ମଧ ପୋଲିସର ଚିନ୍ତା ବଢ଼ାଇ ଦେଇଛି। ଇତିମଧରେ ଲୋକେ ବିଧାନସଭା ଆଖପାଖ ଅଞ୍ଚଳକୁ ସୁସାଇଡ୍ ପଏଣ୍ଟ ବା କେହି କେହି ନ୍ୟାୟ ପାଇବାର ନୂଆ ଠିକଣା ବୋଲି କହିବା ଆରମ୍ଭ କରିଦେଲେଣି। କିଛି ଲୋକ ମତ ଦେଉଛନ୍ତି କି ଅତ୍ୟାଚାର ସହିଥିବା ଲୋକଟିଏ ସ୍ଥାନୀୟ ପୋଲିସ୍ କିମ୍ବା ପ୍ରଶାସନ ନିକଟରୁ ନ୍ୟାୟ ନପାଇ ବିଧାନସଭା ମୁହାଁ ହେଉଛି। ଏଣୁ ଏ କ୍ଷେତ୍ରରେ ରାଜ୍ୟର ଆଇନ ଶୃଙ୍ଖଳା ଉପରେ ମଧ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସତରେ କ'ଣ ପୋଲିସ୍ ଲୋକଙ୍କୁ ନ୍ୟାୟ ଦେଇ ପାରୁନି ନା ସେମାନଙ୍କ ଅଭିଯୋଗର ସମାଧାନ କରିପାରୁନି? ଏଠାରେ ପରୀ ଅପହରଣ ଏବଂ ହତ୍ୟାକାଣ୍ଡକୁ ଏଭଳି ପ୍ରଶ୍ନର ଉଦାହରଣ ବୋଲି କୁହାଯାଇପାରେ। ବିଧାନସଭାରେ ଗୃହ ରାଜ୍ୟମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ସ୍ୱଷ୍ଟ କହିଛନ୍ତି ଯେ ପରୀକୁ ଅପହରଣ ପରେ ହତ୍ୟା କରାଯାଇଛି। ତେବେ ଘଟଣାକୁ ୪ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ପୋଲିସ ଅପରାଧୀକୁ ଗିରଫ କରିନପାରିବା ମଧ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ କ୍ଷେତ୍ରରେ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ପୀଡ଼ିତ ପରିବାରର ଭରସା ହରାଇବା ସ୍ୱାଭାବିକ। ସବୁଆଡୁ ନିରାଶ ହୋଇ ସେମାନେ ବିଧାନସଭା ଆଗରେ ଆତ୍ମାହୁତି କରିବାକୁ ଶେଷରେ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସେହିଭଳି ପରୀ ଘଟଣାରେ ବାପା ମା'ଙ୍କ ଆତ୍ମାହୁତି ଉଦ୍ୟମ ଯୋଗୁଁ ଏବେ ବିଧାନସଭାରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇପାରୁନାହିଁ। ବିରୋଧୀଙ୍କ ଦାବି ଆଧାରରେ ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ତେଣୁ ଏହି ଘଟଣାଟି ଅନ୍ୟମାନଙ୍କ ମଧରେ ଆଶା ସଞ୍ଚାର କରିଛି ଯେ ବିଧାନସଭା ଆଗରେ ଯାଇ ଆତ୍ମାହୁତି ଉଦ୍ୟମ କଲେ ସେମାନଙ୍କ କଥା ଶୁଣାଯିବ। ଏଣୁ ପରୀ ବାପା-ମା'ଙ୍କ ଆତ୍ମାହୁତି ଉଦ୍ୟମ ପରେ ପୁଣି ବିଧାନସଭା ଆଗରେ ୩ ଚାଷୀଙ୍କ ଆତ୍ମାହୁତି ଉଦ୍ୟମ ଏବଂ କୁଜଙ୍ଗ ଅଞ୍ଚଳର ମା' ପୁଅଙ୍କ ଆତ୍ମାହୁତି ଉଦ୍ୟମ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ମୋଟାମୋଟି କହିବାକୁ ଗଲେ ନବୀନଙ୍କ ପୋଲିସକୁ ଲୋକ ଆଉ ଭରସା କରିପାରୁ ନାହାନ୍ତି। ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଗୁହାରି କରିବାକୁ ବିଧାନସଭା ସମ୍ମୁଖକୁ ଆସି ପ୍ରତିବାଦ କରୁଛନ୍ତି ନଚେତ ଆତ୍ମାହୁତି ଦେବାର ଉଦ୍ୟମ କରୁଛନ୍ତି। ଯାହାକି ସାରା ରାଜ୍ୟର ଦୃଷ୍ଟି ଆକର୍ଷଣ କରୁଛି।

### ରୋଡମ୍ୟାପ ...

ଦୂର ଚାଙ୍ଗୋଦର ଶିଳ୍ପାଞ୍ଚଳରେ ଥିବା କମ୍ପାନୀ ଗବେଷଣାଗାରରେ ପହଞ୍ଚିଥିଲେ। ସେ ପିପିଇ କିଟ୍ ପରିଧାନ କରି ସେଠାର ଗବେଷକମାନଙ୍କ ସହ କୋଭିଡ୍ ଟିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମୟରେ ମୋଦୀ ଜାଇଡସ୍ ବାୟୋଟେକ୍ ପାର୍କ ପରିଦର୍ଶନ କରିଥିଲେ। ପରେ ମୋଦୀ ଟ୍ୱିଟ୍ କରି କହିଛନ୍ତି, କୋଭିଡ୍ ଟିକା ପ୍ରସ୍ତୁତିରେ ଲାଗିଥିବା ଗବେଷକମାନଙ୍କୁ ଅଭିନନ୍ଦନ ଜଣାଉଛି। ସେମାନେ ଏହି କାର୍ଯ୍ୟରେ ସଫଳତା ହାସଲ କରନ୍ତୁ ବୋଲି କାମନା କରୁଛି। ଉଲ୍ଲେଖଯୋଗ୍ୟ ଏବେ ନିକଟରେ ଜାଇଡସ୍ କାଡିଲା ଅଧକ୍ଷ ପଙ୍କଜ ପଟେଲ କହିଥିଲେ, ୨୦୨୧ ମାର୍ଚ୍ଚ ସୁଦ୍ଧା କମ୍ପାନୀ କୋଭିଡ୍ ଟିକା ପରୀକ୍ଷଣ ଶେଷ କରିବାକୁ ଲକ୍ଷ୍ୟ ରଖିଛି। ମୋଦୀ ଅହମଦାବାଦରେ ସକାଳ ୯:୧୦ରେ ପହଞ୍ଚି ସେଠାରେ ଗୋଟିଏ ଘଣ୍ଟା କଟାଇବା ପରେ ୧୧:୪୦ରେ ହାଇଦ୍ରାବାଦରେ ପହଞ୍ଚିଥିଲେ। ହାଇଦ୍ରାବାଦ ନିକଟ ହାକିମ୍ପେଟ୍ ଏୟାରଫୋର୍ସ ଷ୍ଟେସନରେ ମୋଦୀ ବିମାନରୁ ଅବତରଣ କରି ଭାରତ ବାୟୋଟେକ୍ ଟିକା ପ୍ରସ୍ତୁତି ସ୍ଥଳ ଜିନୋମ୍ ଉପତ୍ୟକାକୁ ଯାଇଥିଲେ। ସେ ଭାରତ ବାୟୋଟେକ୍ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଣା ଇଲ୍ଲା ଓ ବୈଜ୍ଞାନିକମାନଙ୍କ ସହ କୋଭିଡ୍ ଟିକା ସମ୍ପର୍କରେ ଆଲୋଚନ କରିଥିଲେ। ଆଇସିଏମ୍ଆର ସହଯୋଗରେ ପ୍ରସ୍ତୁତ ହେଉଥିବା କୋଭିଡ୍ ଟିକା କୋଭାକ୍ସିନ୍ର ବିକାଶ ଓ ପରୀକ୍ଷଣ ସମ୍ପର୍କରେ ବୈଜ୍ଞାନିକମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରିଥିଲେ। କୋଭାକ୍ସିନ୍ ପ୍ରସ୍ତୁତି କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ବୋଲି ମୋଦୀ ପରେ ଟ୍ୱିଟ୍ କରି କହିଛନ୍ତି। ମୋଦୀ ତାଙ୍କ ଗସ୍ତର ଶେଷ ଚରଣରେ ଅପରାହ୍ନ ୩:୩୦ରେ ପୁନେ ସ୍ଥିତ ସେରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଠାରେ ପହଞ୍ଚି ସେଠାରେ ପ୍ରସ୍ତୁତ ହେଉଥିବା କୋଭିସିଲ୍ଡ ପ୍ରସ୍ତୁତି ସମ୍ପର୍କରେ ଗବେଷକମାନଙ୍କ ସହ ଆଲୋଚନା କରିଥିଲେ। ସେଠାରେ ସେରମ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ସିଇଓ ଆଦର ପୁନାୱାଲା ଓ ବୈଜ୍ଞାନିକମାନେ ମୋଦୀଙ୍କୁ କୋଭିସିଲ୍ଡ ପ୍ରସ୍ତୁତି ଓ ପରୀକ୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ସଂଧ୍ୟା ୬ଟାରେ ମୋଦୀ ସେରମ୍ ଇନ୍ଷ୍ଟିଚ୍ୟୁଟ୍ରୁ ବାହାରି ପୁନେ ଏୟାରପୋର୍ଟରେ ପହଞ୍ଚିଥିଲେ ଏବଂ ୬:୨୫ରେ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି, ସେରମ୍ ଇନ୍ଷ୍ଟିଚ୍ୟୁଟ୍ର ଟିମ୍ ସହ ବେଶ୍ ଫଳପ୍ରଦ ଆଲୋଚନା ହୋଇଛି। କୋଭିଡ୍ ଟିକା ଖୁବ୍ ଶୀଘ୍ର ଉପଲବ୍ଧ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

### 'ଏସ୍ଆଇଟି ତଦନ୍ତ ...

ତଦନ୍ତ ଦଳ ଗଠନ କରାଯାଉ। ଏହି ଦାବିକୁ ସରକାର ଗ୍ରହଣ କରିନାହାନ୍ତି। ତେଣୁ ଏହି କ୍ଷେତ୍ରରେ ନିରପେକ୍ଷ ତଦନ୍ତ ଉପରେ ଜନସାଧାରଣ ବିଶ୍ୱାସ କରିବେ ନାହିଁ। କାରଣ ଜନସାଧାରଣ ଭାବିବେ ଜଣେ ମନ୍ତ୍ରୀ ରହିଥିବା ସମୟରେ ପୁଲିସର କାର୍ଯ୍ୟଶୈଳୀକୁ ପ୍ରଭାବିତ କରିପାରନ୍ତି। ତେଣୁ ମନ୍ତ୍ରୀ ଇସ୍ତଫା ଦେବା ଦରକାର ବୋଲି ସେ କହିଛନ୍ତି। କଂଗ୍ରେସ ଏହି ଘଟଣାକୁ ନେଇ ତ୍ରୀବ ପ୍ରତିବାଦ କରିଥିଲା। ଫଳରେ ମୁଖ୍ୟମନ୍ତ୍ରୀ ବାଧ ହୋଇ ଉତ୍ତର ରଖିଥିଲେ। କଂଗ୍ରେସ ଦଳ ଦାବି କରିଥିଲା ଯେ କୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯାଉ। ଦଳର ଦାବିକୁ ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉତ୍ତର ରହିଛନ୍ତି। ଏହା ହେଉଛି କଂଗ୍ରେସର ସଫଳତା। ସରକାର ଏସ୍ଆଇଟି ଗଠନ ପାଇଁ ନୋଟିଫିକେସନ୍ ବାହାର କଲେ। ଅନ୍ୟ ଦଳ ଭାବୁଥିଲା କଂଗ୍ରେସ ଦଳ କାହିଁକି ବାହାବା ନେଇଯିବ। ପାର୍ଲିଆମେଣ୍ଟରେ କୃଷି ବିଲ୍ ଉପରେ କଂଗ୍ରେସ ସ୍ୱର ଉଠାଇବାରୁ, ସେଠି ବିଜେପି ସରକାର କଂଗ୍ରେସର ୯ଜଣ ସାଂସଦକୁ ବହିଷ୍କାର କଲା। ସେହି ବିଜେପି ଆଜି ବିଧାନସଭାରେ ଚୁପ୍ ହୋଇ ରହିଛି। ଗଲା ବିଧାନସଭାରେ ଯେତେବେଳେ କଂଗ୍ରେସ ପକ୍ଷରୁ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା, ସେତେବେଳେ ବିଜେପି ଗୃହରେ ଅଯଥା ହୋହାଲ୍ଲା କରିଥିଲା। କଂଗ୍ରେସକୁ କହିବାକୁ ସୁଯୋଗ ଦେଲେନାହିଁ। ହେଲେ ମନ୍ତ୍ରୀ ଯେତେବେଳେ ଗୃହରେ ଉତ୍ତର ରଖିଲେ, ବିଜେପି ଜାଣିଶୁଣି କକ୍ଷତ୍ୟାଗ କରିଥିଲା। ଫଳରେ ମନ୍ତ୍ରୀଙ୍କୁ ସହଜରେ ଉତ୍ତର ରଖିବାକୁ ସୁଯୋଗ ଦେଲେ। ଏହା ହେଉଛି ବିଜେପି ଦଳର ନୀତି ଓ ଆଦର୍ଶ ବୋଲି ସେ କହିଛନ୍ତି।

### ଲଦାଖରେ ...

ଅପରପକ୍ଷରେ ବାସ୍ତବ ନିୟନ୍ତ୍ରଣ ରେଖାରେ ଥିବା ପର୍ବତ ଶିଖରଗୁଡିକର ସୁରକ୍ଷା ଦାୟିତ୍ୱରେ ଗରୁଡ କମାଣ୍ଡୋ ବାହିନୀକୁ ନିୟୋଜିତ କରାଯାଇଛି। ଶତ୍ରୁପକ୍ଷର କୌଣସି ଯୁଦ୍ଧବିମାନ ଯଦି ଏହି ଅଞ୍ଚଳରେ ଭାରତୀୟ ଆକାଶସୀମା ଉଲ୍ଲଙ୍ଘନ କରେ, ତାହାହେଲେ ସେଗୁଡିକୁ ମାରି ଖସାଇବାକୁ ଗରୁଡ କମାଣ୍ଡୋଙ୍କୁ ଇଗ୍ଲା ଏୟାର ଡିଫେନ୍ସ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯାଇଛି। ଆଜକୁ ଛଅ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏହି ସମ୍ବେଦନଶୀଳ ଅଞ୍ଚଳରେ ସ୍ଥଳ ଓ ବାୟୁସେନାର ସ୍ୱତନ୍ତ୍ର କମାଣ୍ଡୋଙ୍କୁ ମୁତୟନ କରାଯାଇଛି। ଏପରିକି ଗତ ଅଷ୍ଟ ୨୯-୩୦ରେ ପର୍ବତ ଶିଖରସ୍ଥିତ ଭାରତୀୟ ଶିବିରଗୁଡିକୁ କବ୍ଜା କରିଥିବା ଚୀନ ସୈନ୍ୟଙ୍କୁ ଏହି କମାଣ୍ଡୋ ବାହିନୀ ହଟାଇବାରେ ସଫଳ ହୋଇଥିଲେ। ନିୟନ୍ତ୍ରଣ ରେଖାର ଅପରପାର୍ଶ୍ୱରେ ମଧ ଚୀନ ତାହାର ସ୍ୱତନ୍ତ୍ର କମାଣ୍ଡୋଙ୍କୁ ମୁତୟନ କରିଛି। ପୂର୍ବରୁ ଜମ୍ମୁ-କଶ୍ମୀରର ଉଲାର ହ୍ରଦରେ ଆତଙ୍କବାଦୀ କାର୍ଯ୍ୟର ମୁକାବିଲା କରିବାକୁ ସେଠାରେ ମାର୍କସ କମାଣ୍ଡୋ ମୁତୟନ ହୋଇଥିଲେ। ୨୦୧୬ ପଠାନକୋଟ ଆତଙ୍କବାଦୀ ଆକ୍ରମଣ ପରେ କଶ୍ମୀର ଘାଟୀରେ ବାୟୁସେନାର ଗରୁଡ କମାଣ୍ଡୋଙ୍କୁ ମୁତୟନ କରାଯାଇଛି। ଦୁର୍ଗମ ସ୍ଥାନରେ ପ୍ରତିକୂଳ ପାଣିପାଗ ସହ ନିଜକୁ ଖାପ୍ ଖୁଆଇ କିପରି ଶତ୍ରୁପକ୍ଷର ମୁକାବିଲା କରିହେବ, ସେହି ଅଭିଜ୍ଞତା ହାସଲ କରିବାକୁ ତତ୍କାଳୀନ ସ୍ଥଳସେନା ମୁଖ୍ୟ ତଥା ସଂପ୍ରତି ସିଡିଏସ (ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍) ଦାୟିତ୍ୱ ବହନ କରୁଥିବା ଜେନେରାଲ ବିପିନ ରାୱତଙ୍କ ନିର୍ଦ୍ଦେଶକ୍ରମେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥିଲା। ସେହିଦିନଠାରୁ ଗରୁଡ ସ୍ପେଶାଲ କମାଣ୍ଡୋ ବାହିନୀ ନିଜର ଦକ୍ଷତା ପ୍ରତିପାଦନ କରିବା ସହ ଇତିମଧରେ ଗୋଟିଏ ଅଶୋକଚକ୍ର, ତିନିଟ ସୌର୍ଯ୍ୟ ଚକ୍ର ଓ ଏକାଧିକ ସେନା ପଦକ ହାସଲ କରିପାରିଛି।

### ଅନିୟମିତତା ...

ଖବର ପ୍ରକାଶ ପାଇଥିଲା । ତା'ପରେ ମଧ ସମସ୍ତ ନିୟମକୁ ଉଲଂଘନ କରି ତରବରିଆ ଭାବେ ଜୁଲାଇ ମାସ ୨୭ ତାରିଖରେ ବ୍ଲକ ପ୍ରଶାସନର ସମସ୍ତ ଅଧିକାରୀ ଓ ସ୍ଥାନୀୟ ସରପଂଚଙ୍କ ଉପସ୍ଥିତିରେ ପଂଚାୟତ ଗୃହ ଛାତ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା । ପରେ ଉଚ୍ଚ ନ୍ୟାୟାଳୟ ଆଡ଼ଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ ଚିଠି ନଂ ୧୨୩୬୫ ତା ୩୦/୦୭/୨୦୨୦ରେ ଭଦ୍ରକ ଜିଲାପାଳଙ୍କୁ ଉକ୍ତ ମାମଲାର ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ଏକକିତା ନକଲ ବନ୍ତ ତହସିଲଦାର ଓ ବନ୍ତ ବିଡ଼ିଓଙ୍କୁ ପଠାଯାଇଥିଲା । ପରେ ସେପ୍ଟେମ୍ବର ମାସ ୩ ତାରିଖରେ ଉଚ୍ଚ ନ୍ୟାୟାଳୟ ଏହି ଅନିୟମିତତା ଉପରେ ତଦନ୍ତ କରିବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବିଭାଗୀୟ ଅଧିକାରୀମାନେ ସମସ୍ତ ନିୟମକୁ ଉଲଂଘନ କରି ଗୃହ କାର୍ଯ୍ୟ ଚାଲୁ ରଖିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ପିଲାମାନଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଗତ ସେପ୍ଟେମ୍ବର ମାସ ୧୪ତାରିଖରେ ଅନ୍ୟ ଏକ ଜନ ସ୍ୱାର୍ଥ ମାମଲା ଉଚ୍ଚ ନ୍ୟାୟାଳୟରେ ଦାଏର କରାଯାଇଥିଲା । ବନ୍ତ ବିଡ଼ିଓ ଏବଂ ତହସିଲଦାର ନିଜ କ୍ଷମତାର ଦୁରୁପଯୋଗ କରିବା ସହ ଆଇନକୁ ଉଲଂଘନ କରି କାର୍ଯ୍ୟ ଚାଲୁ ରଖିଥିବା ନେଇ ଅଭିଯୋଗକାରୀ ଉଚ୍ଚ ନ୍ୟାୟାଳୟଙ୍କ ଠାରେ ଅଭିଯୋଗ କରିବା ପରେ ତାଙ୍କ ଅଭିଯୋଗକୁ ବିଚାରକୁ ନେଇ ଉଚ୍ଚନ୍ୟାୟାଳୟ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଜିଲାପାଳ ଏହାର ନିରପେକ୍ଷ ତଦନ୍ତ କରି ଅଭିଯୋଗକାରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ସତ୍ୟ ବନ୍ତ ବ୍ଲକ ବିଜେଡ଼ି ଯୁବ ସଭାପତି



**ଭଦ୍ରକ :** ବହୁ ଆଶାୟୀଙ୍କୁ ପଛରେ ପକାଇ ନିଜ ଦକ୍ଷତାର ପରିଚୟ ଦେଇ ପୁନଃ ଯୁବ ବିଜେଡ଼ି ସଭାପତି ପଦରେ ଅଳଙ୍କୃତ ହୋଇଛନ୍ତି ଭଦ୍ରକ ଜିଲା ବନ୍ତ ବ୍ଲକ ବଡ଼ମହିଁଷଗୋଠ ପଂଚାୟତର ପ୍ରାକ୍ତନ ସରପଂଚ ସତ୍ୟସାଧନ ବେଜ । ରାଜ୍ୟ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଦଳର ରାଜ୍ୟ ସାଧାରଣ ସଂପାଦକ(ଯୁବ ବ୍ୟାପାର)ପ୍ରଣବ କୁମାର ବଳବନ୍ତରାୟ ଓ ରାଜ୍ୟ ଯୁବ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଘୋଷଣା ଅନୁଯାୟୀ ଶ୍ରୀ ବେଜ ପୁନଃ ବ୍ଲକ ବିଜେଡ଼ି ଯୁବ ସଭାପତି ଭାବେ ଅବସ୍ଥାପିତ ହୋଇଛନ୍ତି । ଏହା ଘୋଷଣା ହେବା ପରେ ଶ୍ରୀ ବେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସାଂସଦ ମଂଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟ ବିଜେଡ଼ି ସଂପାଦକ ଇଂ ପ୍ରୟାସକାନ୍ତି(ଲୁଲୁ)ସାମଲ, ବ୍ଲକ ଅଧ୍ୟକ୍ଷ ଦେବେନ୍ଦ୍ର ଜେନା ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଥିବା ବେଳେ ଜିଲା ଯୁବ ବିଜେଡ଼ି ସଭାପତି ମୁକୁନ୍ଦଦେବ ସାମଲ, ଜିଲା ଛାତ୍ର ବିଜେଡ଼ି ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ଉପସଭାପତି ହୃଦୟ ରଂଜନ ମହାପାତ୍ର, ବ୍ଲକ ଛାତ୍ର ସଭାପତି ପ୍ରଣବ କିଶୋର ଲେଙ୍କାଙ୍କ ସମେତ ସାଂସଦ ପ୍ରତିନିଧି ଶ୍ରୀନାଥ ମହାନ୍ତି,କାହ୍ନୁ ଚରଣ ଦାସ,ଚିତରଂଜନ ଉଦ୍‌ଗାତା, ପରମେଶ୍ୱର ରାଉତ ଓ ନନ୍ଦ କିଶୋର ନାୟକଙ୍କ ସମତେ ବଡ଼ମହିଁଷଗୋଠ ପଂଚାୟତର ପଂଚାୟତବାସୀ ତାଙ୍କୁ ସ୍ୱାଗତ କରିଛନ୍ତି ।

# ଦୁଇ ଦିବ୍ୟାଙ୍ଗଙ୍କୁ ମିଳିଲା ଭତ୍ତା



**ଉଦଳା :** ଦୀର୍ଘଦିନରୁ ଶତ ପ୍ରତିଶତ ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇ ମଧ ଦିବ୍ୟାଙ୍ଗ ଭାଇ ଓ ଭଉଣୀ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଉପରତାଳଡିହା ଗ୍ରାମର ଗୁରୁଭା ସିଂଙ୍କ ଝିଅ ଅସ୍ମିତା ଓ ପୁଅ ବିଷ୍ଣୁ ଜନ୍ମରୁ ଦିବ୍ୟାଙ୍ଗ ଥିଲା ବେଳେ ସରକାରୀ ଯୋଜନା ସେମାନଙ୍କ ପାଇଁ ଥିଲା ଅପହଞ୍ଚ। ଦିବ୍ୟାଙ୍ଗ ପୁଅ-ଝିଅ ପାଇଁ ଗୁରୁଭା ସରପଞ୍ଚଠୁ ଆରମ୍ଭ କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ଏମାନଙ୍କ ଉପରେ କାହାରି ଦୃଷ୍ଟି ପଡୁନଥିଲା। ତେବେ ଏନେଇ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଖୁବ୍ଶୀଘ୍ର ଭତ୍ତା ଓ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ମିଳିଛି। ତେବେ 'ଏକମାତ୍ର' ଖବରକାଗଜରେ ଖବର ପ୍ରସାରଣ ପରେ ବ୍ଲକ ପ୍ରଶାସନ ପକ୍ଷରୁ ଦିବ୍ୟାଙ୍ଗ ଅସ୍ମିତା ଓ ବିଷ୍ଣୁଙ୍କୁ ଦୁଇମାସର ଭତ୍ତା ପ୍ରଦାନ କରାଯାଇଥିବା ବେଳେ ଅନ୍ୟାନ୍ୟ ସରକାରୀ ସହାୟତା ଖୁବ୍ଶୀଘ୍ର ଯୋଗାଇ ଦିଆଯିବ ବୋଲି କୁଣ୍ଡାବାଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଛନ୍ତି। ତେବେ ଭତ୍ତା ପାଇବା ପରେ ପରିବାର ତଥା ଦିବ୍ୟାଙ୍ଗ ଭାଇଭଉଣୀଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଥିଲା।

# ତିନି ଠାକୁରଙ୍କ ନାଗାର୍ଜୁନ ବେଶ



**ଚମ୍ପେଶ୍ୱର :** ନରସିଂହପୁର ଅଞ୍ଚଳର ଅରାଧ ପ୍ରଭୁ ଶ୍ରୀଜୀଉ ଦେବଙ୍କର ଶୁକ୍ରବାର ରତ୍ନବେଦୀରେ ନାଗାର୍ଜୁନ ବେଶ ନିତ ସମ୍ପନ୍ନ ହୋଇଛି। କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ତ୍ରୟଦଶ ତିଥି ଭାବେ ପାଳନ କରାଯାଇଥାଏ। ଆଜି ନରସିଂହପୁର ଠାରେ ଥିବା ତିନିଠାକୁରଙ୍କୁ ଯଥା ବିଧି ଅନୁଯାୟୀ ପୁଜାର୍ଚ୍ଚନା ପରେ ନାଗାର୍ଜୁନ ବେଶରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀ ଜୀଉ ଙ୍କ ନାଗାର୍ଜୁନ ବେଶ ପରେ ନିଡାମ୍ବର ସହକାରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କୁ ନାଗାର୍ଜୁନ ବେଶରେ ଦର୍ଶନ କରିଥିଲେ। ସେହିପରି କାନପୁର ଠାରେ ଥିବା ତିନିଠାକୁରଙ୍କୁ ନାଗାର୍ଜୁନ ବେଶରେ ସୁସଜ୍ଜିତ କରାଯାଇଥିଲା। ମନ୍ଦିରର ଟ୍ରଷ୍ଟି ଏବଂ ପରିଚାଳନା କମିଟିର ସହଯୋଗ ରେ ବିଭିନ୍ନ କାର୍ଯ୍ୟକ୍ରମ ସୂଚାରୁରୂପେ ପାଳନ କରାଯାଇଛି। ଏହିଭଳି ଅଢେଇଗୁଣ୍ଡି, କନ୍ଧବେରେଣୀ, କାଞ୍ଜିଆପଦା, ବାଲିଝରୀ ସ୍ଥିତ ଶ୍ରୀ ଜିଉଙ୍କୁ ରିତିନୀତି ଅନୁଯାୟୀ ନାଗାର୍ଜୁନ ବେଶରେ ସୁସଜ୍ଜିତ କରାଯାଇଛି।

# ନରସିଂହପୁର ସାମ୍ବାଦିକ ସଂଘର ସମ୍ବିଧାନ ଦିବସ



**ନରସିଂହପୁର :** ନରସିଂହପୁର ସାମ୍ବାଦିକ ସଂଘ ପକ୍ଷରୁ ସମ୍ବିଧାନ ଦିବସ ଗୁରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଦେବଦତ୍ତ ମଳୟ କୁମାର ବରାଳ ଅଧ୍ୟକ୍ଷତା କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ନୁତନ ତହସିଲଦାର ଆଲୋକ କୁମାର ଦେହୁରୀ , ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ବିପିନ ବିହାରୀ ପଣ୍ଡା ସଂଘ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଏହାପରେ ଆଜିର ଦିବସରେ ପ୍ରଥମେ ନୁତନ ଭାବେ କାର୍ଯ୍ୟଭାର ତୁଲାଇଥିବା ତହସିଲଦାର ଶ୍ରୀ ଦେହୁରୀ ଶିକ୍ଷା ଅଧାକରୀ ଶ୍ରୀ ପ୍ରଧାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଭାରତୀୟ ସମ୍ବିଧାନ ୧୯୪୯ ମସିହାଠାରୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇଚାଲିଛି। ସମୟର ଆବଶ୍ୟକତା ଅନୁଯାୟୀ ଅନେକ ସମୟରେ ପରିବର୍ତ୍ତନ ଆସିଛି। ବ୍ୟବସ୍ଥାପିକା , କାର୍ଯ୍ୟପାଳିକା, ନ୍ୟାୟପାଳିକା ର ଉତ୍ତରଦାଇତ୍ୱ ସର୍ବଦା ରହିଛି। ଚୁତୁର୍ଥ ସ୍ତମ୍ଭଭାବରେ ଗଣମାଧମ ମଧ୍ୟତାର କାର୍ଯ୍ୟ କରିବା ସହ ତିନୋଟି ସଂସ୍ଥାର ଉତ୍ତରଦାଇତ୍ୱକୁ ବାରମ୍ବାର ସମୀକ୍ଷା କରୁଛି ବୋଲି ଆଜିର ଦିବସର ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର କୋଷାଧକ୍ଷ ରମେଶ ଚନ୍ଦ୍ର ପାଢୀ, ସହସମ୍ପାଦକ ସାନ୍ତନୁ କୁମାର ଗାଆଣ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ରାଉତ, ମୁଖ୍ୟ ପ୍ରବକ୍ତା ଅଜୟ କୁମାର ପଣ୍ଡା, ଶୁସାନ୍ତ କୁମାର ବାଇ,ବିନୋଦ କୁମାର ସାହୁ, ସୁବାଷ ଚନ୍ଦ୍ର ନାୟକ, ଶିବସୁନ୍ଦର ଦାଶ, ଗଣେଶ୍ୱର ସାହୁ, ଲକ୍ଷରାଜ ବେହେରା, ଭଗବାନ ମଲ୍ଲିକ, ରଘୁନାଥ ସ୍ୱାଇଁ ଶିକ୍ଷାବିଭାଗର ସିଆରସିସି ଅଭିମନ୍ୟୁ ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାମ୍ବାଦିକ ସଂଘର ସମ୍ପାଦକ ଭୁପେନ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଣ୍ୟ କାର୍ତ୍ତିକ



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଆ ଘରର ଏକ ଶ୍ରେଷ୍ଠ ପର୍ବ । ଓଡ଼ିଆ 'ଆ, କା, ମା, ବୈ' ଚାରି ମାସ ବୋଲି ମାନେ । ତନ୍ମଧ୍ୟରୁ କାର୍ତ୍ତିକ ମାସର ଗୁରୁତ୍ୱ ଅଧିକ । ତେବେ ଆମର ବାର ମାସରେ ତେର ପର୍ବ କଥାଟିର ପ୍ରଚଳନ ଅଛି । ଦଶମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ପାଞ୍ଚଦିନକୁ ବକ ପଞ୍ଚକ ବୋଲି କୁହାଯାଏ । ବକ ମଧ୍ୟ ଏ ପାଞ୍ଚ ଦିନ ଆମିଷ ଭକ୍ଷଣ କରେ ନାହିଁ । ଏହି ପାଞ୍ଚ ଦିନ ଗ୍ରାମମାନଙ୍କରେ ରାସ ପଳେନ କରାଯାଏ । ପୁଷ୍କରିଣୀ ନିକଟରେ ଚଉରା ନିର୍ମିତ ହୋଇ ଲିପା ପୋଛା ହୁଏ । ତା' ଉପରେ ପଞ୍ଚବର୍ଣ୍ଣର ମୁରୁଜ ପଡ଼େ । ଗ୍ରାମ୍ୟ କିଶୋରୀ ଅରୁଆ ଚାଉଳ, କଦଳୀ ଆଉ ଗୁହର ଭୋଗ କରି ଚଉରା ନିକଟରେ ଗୀତ ବୋଲେ । 'ରାମ ସଙ୍ଗେ ସୀତା ଖେଳନ୍ତି ଯୁବା ଚଉଦ ମୁଠି, ତିନି ମୁଠି ଯୁବା ସରିଲା, ରାମ ହୋଇଲେ ଠିଆ' ଇତ୍ୟାଦି ତାଳହୀନ ଘଣ୍ଟବାଦୀ ସହ ଗୀତ ସରୋଭୋଗ ବାଣ୍ଟି ଓଷେଇତି ଘରକୁ ଫେରେ । ତା ପରେ ଆରମ୍ଭ ହୁଏ ରାସ ସ୍ଥଳୀରେ ଲିପାପୋଛା । ଆଉ ମୁରୁଜ ପକା । ଭୋର ସମୟରେ ଦାଣ୍ଡ ପହଁରା । ସନ୍ଧ୍ୟାବେଳେ ଗାୟକ କଣ୍ଠରୁ ରାସଲୀଳା ଗୀତ ଭାସି ଆସେ । କନ୍ୟୁଜ୍ ମଧ୍ୟରେ ବସିଥାନ୍ତି ରାଧାକୃଷ୍ଣ । ଚମତ୍କାର ସେ ପରିବେଶ । ଆହୁରି ଚମତ୍କାର ଗାୟକ ସହ ପାଳିଆମାନଙ୍କର ପାଳିଧରା ଓ ତା ସହ ମୃଦଙ୍ଗ ତତା ଝାଞ୍ଜ ବାଦ୍ୟର ମିଳିତ ଧ୍ୱନି । ସ୍ଥାନେ ସ୍ଥାନେ ଏହି ପାଞ୍ଚ ଦିନ, କୌଣସି ସ୍ଥାନରେ ସମଗ୍ର ମାସଟି ଚଉରା ପାଖରେ ଆକଶ ଦୀପ ବସେ । ସନ୍ଧ୍ୟାବେଳେ ବ୍ରାହ୍ମଣ ଭୋଗ କରନ୍ତି । ଛଦ୍ର ଯୁକ୍ତ ଠେକିରେ ଥିବା ଦ୍ୱୀପକୁ ଲଗାଇ ବାଉଁଶରେ ବନ୍ଧା ଯାଇଥିବା ଦଉଡ଼ି ସାହାଯ୍ୟରେ ଠେକିକୁ ଉପରକୁ ଉଠାନ୍ତି । ଉକ୍ତ ଦୀପାଲୋକ ମୁଖ୍ୟତଃ ପିତୃପୁରୁଷଙ୍କ ଉତ୍ସର୍ଗୀକୃତ । କାରଣ ଦୀପାବଳୀ ଅମାବାସ୍ୟା ଦିନ କାଉଁରିଆ କାଠି ଜାଳି ଉପରକୁ ଉଠାଇ ସେମାନେ ଗାଆନ୍ତି 'ବଡ଼ବଡ଼ିଆ ହୋ ଅନ୍ଧାରରେ ଆସ, ଆଲୁଅରେ ଯାଅ' । ତେଣୁ ପିତୃପୁରୁଷଙ୍କ ସ୍ମାରକୀ ଉଦ୍ଦେଶ୍ୟରେ, ସେମାନଙ୍କ ଆତ୍ମାର ସଦ୍‌ଗତି ତଥା ଆଲୋକିତ ପଥର ସନ୍ଧାନ ଦେବାଲାଗି ଏହାର ପରିକଳ୍ପନା । ଏହା ମଧ୍ୟରେ ଲୁଚି ରହିଛି ଚମତ୍କାର ଦର୍ଶନ ।





କାର୍ତ୍ତିକ ମାସର ବିଶିଷ୍ଟ ଆକର୍ଷଣ ହେଲା ଚକୁଳିଆ ପଣ୍ଡାଙ୍କ ଗାଁ ଭ୍ରମଣ । ମୁଣ୍ଡରେ ତାଳପତ୍ରର ଛତା । ହାତରେ କୌଣସି ବାସନ ଭିକ୍ଷା ନେବା ଉଦ୍ଦେଶ୍ୟରେ ଧରା ହୋଇଥାଏ । ସେମାନେ ଗ୍ରାମ ଦାଣ୍ଡରେ ବୁଲନ୍ତି । କାହା ଦ୍ୱାରକୁ ଭିକ୍ଷା ଉଦ୍ଦେଶ୍ୟରେ ଯାଆନ୍ତି ନାହିଁ । ତାଙ୍କର ପ୍ରଧାନ ବିଶେଷତ୍ୱ ହେଲା ସେମାନେ ଗୋଟିଏ ଗୋଟିଏ ଆଶୁକବି । ସଙ୍ଗେ ସଙ୍ଗେ ପଦ ସଂଯୋଜନା କରି ଗୀତ ବୋଲନ୍ତି । ପରିସ୍ଥିତି ତଥା ପରିବେଶକୁ ଲକ୍ଷ୍ୟ କରି ଗୀତ ବୋଲିଥାନ୍ତି । ଏଥିରୁ ଧର୍ମଶିକ୍ଷା ମଧ୍ୟ ବହୁତ ହୁଏ । ପ୍ରାଚୀନ ପୌରାଣିକ ଘଟଣୀ ସୂଚନା ଏହି ଗୀତମାନଙ୍କରେ ଥିବାରୁ ଶ୍ରୋତାର ଜ୍ଞାନର ବିକାଶ ମଧ୍ୟ କେତେ ପରିମାଣରେ ହୋଇଥାଏ । ଆସ୍ତେ ଆସ୍ତେ ଏ ସଂସ୍କୃତି ଲୋପ ପାଇବାକୁ ବସିଲାଣି । ଗାଁ ଦାଣ୍ଡରେ ଆଉ ତାଳପତ୍ରର ଛତା ଦିଶୁନି କି ପଣ୍ଡାର ସେ ମନଚହଟା ଗୀତ ଭାସି ଆସୁନାହିଁ । ସାମ୍ପ୍ରତିକ ସଭ୍ୟତା କାବୁ କରି ବସିଛି ପ୍ରାଚୀନ ସଭ୍ୟତାକୁ । ଯୋଗୀ ଭିକାରୀଙ୍କ କରୁଣ ରସାପ୍ଲୁତ ଲହରୀ ଭାସ ଆସୁନି । ଯୋଗୀ ଭିକାରୀକୁ ଭିକ୍ଷା ଦେଲେ ଯେଉଁ ପୁଣ୍ୟ ଅର୍ଜନ ହୁଏ ବୋଲି ମଣିଷ ମନରେ ବିଶ୍ୱାସ ଥିଲା ତାହା କ୍ରମଶଃ ତା ମନରୁ ଲିଭି ଲିଭି ଆସୁଛି । କାର୍ତ୍ତିକ ମାସରେ ଦେବ ମନ୍ଦିର ପ୍ରାଙ୍ଗଣରେ 'ସପ୍ତା' ବସି ଭାଗବତ ପାଠ ମଧ୍ୟ ଲୋପ ପାଇବାକୁ ବସିଲାଣି । ସାତଦିନ ଧରି ଏ ଉତ୍ସବ ଚାଲେ । ନଡ଼ିଆ ପତ୍ର ଘେରା ଆବଦ୍ଧ ସ୍ଥାନ ମଧ୍ୟରେ ଗୋଟିଏ କଣକୁ ବର୍ଗାକାର ଗର୍ତ୍ତଟିଏ ଖୋଳାଯାଏ । ଦିବାରାତ୍ରି, ସେଠାରେ ଧୁନି ଲାଗିଥାଏ । ବକ୍ତା ବା ପୂଜକ ଭାଗବତ ପାଠ କରନ୍ତି । ଗ୍ରାମ ମଧ୍ୟରୁ ଜଣେ ଧର୍ମପରାୟଣ ମୁଖ୍ୟ ବ୍ୟକ୍ତି କର୍ତ୍ତା ହୋଇଥାନ୍ତି । ସେ ଶ୍ରୋତାର କାମ କରନ୍ତି । ଗୋଟିଏ ବେଳା ପ୍ରସାଦ ସେବନ । ସାତଦିନ ପର୍ଯ୍ୟନ୍ତ ଏହା ଚାଲେ । ଉଦ୍‌ଯାପନ ଦିବସରେ ଗ୍ରାମବାସୀମାନଙ୍କ ପକ୍ଷରୁ ଚାନ୍ଦା ସଂଗୃହୀତ ହୋଇ ସମସ୍ତଙ୍କୁ ପଂକ୍ତି ଭୋଜନରେ ଅପ୍ୟାୟିତ କରାଯାଏ । କାର୍ତ୍ତିକ ମାସର ପୂର୍ଣ୍ଣାହୁତି ପର୍ବ କାର୍ତ୍ତିକ ପୂର୍ଣ୍ଣିମା । ମାସଟିଯାକର ଅନ୍ତିମ ଦିନ । ସତର୍କତା ସହ ଶୁଦ୍ଧପୁତ ଭାବରେ ଉକ୍ତ ଦିନଟି ପାଳନ କରାଯାଏ ଆବାଳ ବୃଦ୍ଧ ବନିତାଙ୍କ ଉପାସ୍ୟ ଆଶୁତୋଷଙ୍କ ପୂଜା । ପ୍ରାତଃ କାଳରେ, ସ୍ନାନ କରେ ପଲ୍ଲୀବଧୂ ଓ ପଲ୍ଲୀର କନ୍ୟା । କି ଗ୍ରାମୀଣ କି ସହରୀ ମଣିଷ, ଉକ୍ତ ଦିବସଟିକୁ ସମସ୍ତେ ପବିତ୍ରତାର ସହ ପାଳନ କରନ୍ତି । ସ୍ନାନ ସାରି ଡଙ୍ଗା ଭସାଯାଏ । ଡଙ୍ଗାରେ ଥାଏ ପାନ, ଗୁଆ ଓ ବଳିତା । ସୋଲ ବା କଦଳୀ ପାଟୁଙ୍ଗାରେ ନିର୍ମିତ ଡଙ୍ଗାକୁ ନଦୀ ବା ପୁଷ୍କରିଣୀ ଜଳରେ ଭସାଇ ଦେଇ ଓଡ଼ିଆ ଘରର ବଧୂ ଗାଇ ଉଠେ 'ଆ କା ମା ବୈ... ପାନ ଗୁଆ ଖାଇ, ପାନଗୁଆଯାକ ତୋର, ମାସକ ଧର୍ମ ମୋର' । ବଳିତା ନିଷ୍କାମର ପ୍ରତୀକ, ପାନ ସ୍ତ୍ରୀର ଆଉ ଗୁଆ ପୁରୁଷର ।

ଓଡ଼ିଆ ସାଧବ ପୁଅ ଜାଭା, ବୋର୍ଣ୍ଣିଓ, ସୁମାତ୍ରା ଆଦି ଦ୍ୱୀପପୁଞ୍ଜକୁ ବାଣିଜ୍ୟ କରିବାକୁ ଯାଉଥିଲା । ତାରକସି କାମ, ପିତ୍ତଳ ବାସନ, ହାତୀଦାନ୍ତ ନିର୍ମିତ ପଦାର୍ଥର ଯଥେଷ୍ଟ ଆଦର ଥିଲା । ଓଡ଼ିଆ ଶିଳ୍ପୀର ଶିଳ୍ପନୈପୁଣ୍ୟ ଫୁଟି ଉଠିଥିଲା ପ୍ରତ୍ୟେକ କର୍ମରେ । ଫେରି ଆସୁଥିଲା ସାଧବ ପୁଅ ଧନ୍ୟାଧାନ୍ୟରେ ବୋଇତ ଭରି ନିଜ ରାଜ୍ୟକୁ । ଓଡ଼ିଶାର ଗର୍ବ ଓ ଗୌରବ ସ୍ମାରକୀ ସାଧବ ପୁଅର ବୋଇତ ଯାତ୍ରାର ସ୍ମରଣ ଉଦ୍ଦେଶ୍ୟରେ ଡଙ୍ଗାଭସା ପର୍ବ । ସକାଳୁ ଡଙ୍ଗା ଭସାଇ ହୁଳହୁଳି ଧ୍ୱନି ଦେଇ ଓଡ଼ିଆ ଘରର ବୋହୂ ସଦାଶିବଙ୍କ ମନ୍ଦିର ଉଦ୍ଦେଶ୍ୟରେ ଯାତ୍ରା କରେ । ସମଗ୍ର କାର୍ତ୍ତିକ ମାସଟି କେବଳ ଓଡ଼ିଆ ଜାତି କାହିଁକି ହିନ୍ଦୁମାନଙ୍କ ଲାଗି ଏକ ଧର୍ମର ମାସ । କୁମାର ପୂର୍ଣ୍ଣିମାର ପନ୍ଦର ଦିନ ପରେ ଦୀପାବଳୀ ଅମାବାସ୍ୟା ପଡ଼େ । ବିଶେଷତଃ ଦୀପାବଳି ମାରାଓ୍ୱାଡ଼ି ସମ୍ପ୍ରଦାୟର ବ୍ୟକ୍ତିମାନଙ୍କ ଲାଗି ଏକ ବଡ଼ ପର୍ବ । ଆଡ଼ମ୍ବର ସହକାରେ ସେମାନେ ଏହାକୁ ପାଳନ କରନ୍ତି । ସେମାନଙ୍କ ବ୍ୟବସାୟର ନୂଆ ଖାତା ତା' ପରଦିନଠାରୁ ଆରମ୍ଭ ହୁଏ । ଦୀପାବଳି ସହ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହୁଏ । ଦଶହରାରେ ମା' ଆଦ୍ୟାଶକ୍ତି ଦୁର୍ଗାଙ୍କର, କୁମାର ପୂର୍ଣ୍ଣିମାରେ ମା' ଲକ୍ଷ୍ମୀଙ୍କର ଏବଂ କାଳୀପୂଜାରେ ମା' କାଳୀଙ୍କର ଆରାଧନା କରାଯାଇଥାଏ । ନିଜେ ଅଜ୍ଞାନ ଅନ୍ଧକାରରୁ ଆଲୋକମୟ ପରିବେଶକୁ ଆସିବା ଲାଗି ପିତୃପୁରୁଷ ତଥା ମାମୁଘରର ପୂଜା ଏ ମାସର ବୈଶିଷ୍ଟ୍ୟ । ତେଣୁ ଧର୍ମଶାସ୍ତ୍ର ପ୍ରମାଣ ଦେଇଛନ୍ତି, ଉକ୍ତ ମାସରେ ଆମିଷ ଭକ୍ଷଣ ମଧ୍ୟ ନିଷିଦ୍ଧ । କାର୍ତ୍ତିକ ମାସର ମହତ୍ତ୍ୱ ଅନ୍ୟ ମାସ ତୁଳନାରେ ଯେ ଶ୍ରେଷ୍ଠ ତଥା ଅଧିକ ଏହା ନିଃସନ୍ଦେହରେ କୁହାଯାଇପାରେ ।

*ପ୍ଲଟ ନଂ : ୧୦୮୨/ଡ଼ି, ସେକ୍ଟର-୬, ସିଡ଼ିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*







# 'ସିବିଆଇ କରୁ ପରୀ ହତ୍ୟାକାଣ୍ଡ ତଦନ୍ତ'

**ଭୁବନେଶ୍ୱର :** ପରୀ ହତ୍ୟାକାଣ୍ଡର ତଦନ୍ତ ଭାର କ୍ରାଇମବ୍ରାଂଚ ନୁହେଁ ବରଂ ସିବିଆଇକୁ ହସ୍ତାନ୍ତର କରାଯାଉ । ଏହି ଘଟଣାରେ ଶାସକ ଦଳ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଥିବାରୁ ଘଟଣାକୁ ଚପାଇ ଦେବା ଲାଗି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏକ ନୂଆ ନାଟକ ରଚିଛନ୍ତି। ଯେଉଁଠି ଶାସକ ଦଳର ଇଙ୍ଗିତରେ ପୋଲିସ ଗତ ସାଢେ ୪ ମାସ ଧରି ନୀରବ ରହିଛି ସେ ସ୍ଥାନରେ କ୍ରାଇମବ୍ରାଞ୍ଚ କେବଳ ସରକାରଙ୍କ ମୋହରା ସାଜି ଶାସକ ଦଳକୁ ଫାଇଦା ପହଞ୍ଚାଇବା କାର୍ଯ୍ୟ କରିବ। କ୍ରାଇମବ୍ରାଞ୍ଚ ତଦନ୍ତ ହେଲେ ସମୟ ଗଡିଚାଲିବ ଏବଂ ଦୋଷୀ ଦଣ୍ଡ ପାଇବାରୁ ବଂଚିତ ରହିବ। ପୂର୍ବରୁ ବେବିନା ଗଣଦୁଷ୍କର୍ମ, ଇତିଶ୍ରୀ, କୁନ୍ଦୁଳି, ସ୍ମିତାରାଣୀ ହତ୍ୟା ଆଦି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେବା ପରେ ବି ଦୋଷୀ ଦଣ୍ଡ ପାଇନାହାଁନ୍ତି। ବରଂ କ୍ରାଇମବ୍ରାଞ୍ଚ ତଦନ୍ତ ଦ୍ୱାରା ପ୍ରମାଣ ନଷ୍ଟ କରାଯାଇ ଦୋଷୀମାନଙ୍କୁ ସୁରକ୍ଷା ଦିଆଯିବାର ନଜିର ପୂର୍ବରୁ ରହିଛି। କ୍ରାଇମବ୍ରାଂଚର ତଦନ୍ତକୁ ଅପେକ୍ଷା କରିବାର ଅର୍ଥ ହେଉଛି ପର୍ବତ ମୂଷିକ ପ୍ରସବ ସଦୃଶ୍ୟ। ଏହି ତଦନ୍ତ ଦ୍ୱାରା ବିଜେଡିର ତୁଙ୍ଗ ନେତା ମାନେ ଗିରଫ ହେବାରୁ ବର୍ତିଯାଇଛନ୍ତି। ଏଣୁ ପରୀକୁ ନ୍ୟାୟ ନମିଳିବା ଯାଏଁ ମହିଳାମୋର୍ଚ୍ଚା ଚୁପ୍ ରହିବନି। ପରୀକୁ ନ୍ୟାୟ ଦେବା ଏବଂ



ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିରେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ପ୍ରତ୍ୟେକ ଜିଲ୍ଲାରେ ମହିଳା ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ବିଜେପି ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ପରୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ବିଜେଡି କର୍ମୀ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ଘନିଷ୍ଠ ହୋଇଥିବା ଯୋଗୁଁ ପୋଲିସ ଏପର୍ଯ୍ୟନ୍ତ ତାକୁ ଗିରଫ କରିନାହିଁ । ଅନ୍ୟପଟେ ଗତକାଲି ଗଣମାଧ୍ୟମରେ ମନ୍ତ୍ରୀ ଅରୁଣ ସାହୁ ପୀଡିତା ଗାଁର ସରପଞ୍ଚକୁ ଫୋନ କରି ଧମକ ଦେଉଥିବାର ଅଡିଓ କ୍ଲିପ ଭାଇରାଲ ହୋଇଛି। ଏହି ଭାଇରାଲ ଅଡିଓ କ୍ଲିପରେ ମନ୍ତ୍ରୀ ଏଘଟଣାରେ ସଂପୃକ୍ତ ଏବଂ ସେ ନିଜେ ଅଭିଯୁକ୍ତକୁ ସୁରକ୍ଷା ଦେଉଥିବାର ପ୍ରମାଣ ମିଳିଛି। ଏହାକୁ ଆଧାର କରି ପୋଲିସ ମନ୍ତ୍ରୀ ଅରୁଣ ସାହୁଙ୍କୁ ତଦନ୍ତ ପରିସରଭୂକ୍ତ କରୁ। ଏହା ସହ ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ଘଟଣାରେ ହସ୍ତକ୍ଷେପ ମନ୍ତ୍ରୀ ଅରୁଣ ସାହୁଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ। ପରୀ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ଏବଂ ତା'ର ସହେଯାଗୀ ଏବେ ଶାସକ ଦଳର ଛତ୍ରଛାୟା ତଳେ ଖୁଲୁମଖୁଲା ବୁଲୁଛି। ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ସଂପୃକ୍ତି ଥିବାରୁ କ୍ରାଇମବ୍ରାଞ୍ଚ ମଧ୍ୟ ପୋଲିସ ଭଳି ଅଭିଯୁକ୍ତମାନଙ୍କୁ କ୍ଲିନଚିଟ୍ ଦେବାର ସମ୍ଭାବନା ରହିଛି। ଏଣୁ ପରୀକୁ ନ୍ୟାୟ ଦେବା ପାଇଁ ଘଟଣାର ସିବିଆଇ ତଦନ୍ତ କରାଯାଉ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ବାବୁଲି ନାଏକ ଏବଂ ତା'ର ସହେଯାଗୀଙ୍କୁ ଗିରଫ କରି କଠୋର ଦଣ୍ଡ ଦିଆଯାଉ। ଶାସକ ଦଳ ଚାପରେ ତଦନ୍ତ ନକରିବା, କର୍ତବ୍ୟରେ ଅବହେଳା ଏବଂ କ୍ଷମତାର ଅପବ୍ୟବହାର କରିଥିବାରୁ ନୟାଗଡ ଏସପି ଏବଂ ଥାନା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀମତୀ ପଟ୍ଟନାୟକ ଦାବି କରିଛନ୍ତି।

### ଓଡ଼ିଶାର ଚାଷୀଙ୍କୁ ମୋଦି ସରକାରଙ୍କ ସହାୟତା ନେଇ ଧର୍ମେନ୍ଦ୍ରଙ୍କ ଟ୍ୱିଟ୍

# ‘୬ ବର୍ଷରେ ମିଳିଛି ୬୦ ହଜାର ୮୩୬ କୋଟି’



**ନୂଆଦିଲ୍ଲୀ/ଭୁବନେଶ୍ୱର :** ପୂର୍ବ ସରକାର ତୁଳନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ‘ଅନ୍ନଦାତା’ଙ୍କ ହାତମୁଠାକୁ ଅଧିକ ମଜବୁତ୍ କରାଯାଇଛି । ବିଗତ ୬ ବର୍ଷରେ ଓଡ଼ିଶାର ଚାଷୀଙ୍କୁ ବିଭିନ୍ନ କୃଷି ଯୋଜନା ତଥା ଡିବିଟି ଜରିଆରେ ଅର୍ଥ ରାଶି ପ୍ରାପ୍ତି, ପାରିଶ୍ରମିକ ମୂଲ୍ୟ ପ୍ରଦାନ, ଫସଲ ବୀମା ଜରିଆରେ ମୋଟ ୬୦ ହଜାର ୮୩୬.୯୭ କୋଟି ଟଙ୍କା ଅର୍ଥ ଦିଆଯାଇଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଓଡ଼ିଶା ସମେତ ସମଗ୍ର ଭାରତବର୍ଷର ଚାଷୀଙ୍କୁ ସଶକ୍ତ କରିବା ପାଇଁ ଐତିହାସିକ ଏବଂ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି । ଆମ ଚାଷୀମାନଙ୍କ ପାଇଁ ଚାଷର ସମ୍ଭାବ୍ୟ ବ୍ୟବହାରକୁ ବଢ଼ାଇବା ସହ ସେମାନଙ୍କୁ ଆତ୍ମନିର୍ଭର କରିବା ପାଇଁ ପଦକ୍ଷେପ ନିଆଯାଇଛି । ମୋଦି ସରକାର ୨୦୧୪-୧୫ ରୁ ୨୦୧୯-୨୦ ମଧ୍ୟରେ ଓଡ଼ିଶାର ଚାଷୀଙ୍କ ଠାରୁ ଏମଏସପି ମୂଲ୍ୟ ବାବଦରେ ଧାନ କିଣି ବ୍ୟାଙ୍କ୍ ଖାତାକୁ ସିଧାସଳଖ ୫୩ ହଜାର ୬୮୦.୨୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଗତ ୬ ବର୍ଷ ମଧ୍ୟରେ ଏମଏସପିର ଦ୍ରୁତ ବୃଦ୍ଧି ଚାଷୀ ମାନଙ୍କୁ ଅଧିକ ଲାଭ ଦେଇଛି । ବର୍ଷ ୨୦୧୩-୧୪ରେ ଧାନର ଏମଏସପି ମୂଲ୍ୟ ୧୩୧୦ ଟଙ୍କା ଥିଲା ବେଳେ ବର୍ଷ ୨୦୧୪ରେ-୧୫ରେ ଯଥାକ୍ରମେ ୧୩୬୦ ଟଙ୍କା, ବର୍ଷ ୨୦୧୫-୧୬ରେ ୧୪୧୦ ଟଙ୍କା, ବର୍ଷ ୨୦୧୬-୧୭ରେ ୧୪୭୦ ଟଙ୍କା, ବର୍ଷ ୨୦୧୭-୧୮ରେ ୧୫୫୦ ଟଙ୍କା, ବର୍ଷ ୨୦୧୮-୧୯ରେ ୧୭୫୦ ଟଙ୍କା, ବର୍ଷ ୨୦୧୯-୨୦ରେ ୧୮୧୫ ଟଙ୍କା ଏବଂ ବର୍ଷ ୨୦୨୦-୨୧ରେ ଧାନର ଏମଏସପି ମୂଲ୍ୟ ୧୮୬୮ ଟଙ୍କାକୁ ବୃଦ୍ଧି ହୋଇଛି । ଚଳିତ ଆର୍ଥିକ ବର୍ଷ ନଭେମ୍ବର ଶେଷ ସୁଦ୍ଧା ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ରାଜ୍ୟର ସମସ୍ତ ଯୋଗ୍ୟ କ୍ଷୁଦ୍ର ଏବଂ ମଧ୍ୟମ ଚାଷୀ ଉପକୃତ ହୋଇଛନ୍ତି । ଫସଲ କରିବା ପାଇଁ ଅତିରିକ୍ତ ସହଯୋଗ ଏବଂ ପରିବାରର ଭରଣପୋଷଣ ପାଇଁ ୨୦୧୮-୧୯ ଠାରୁ ଚାଷୀଙ୍କ ସିଧାସଳଖ ବ୍ୟାଙ୍କ୍ ଖାତାକୁ ୨ ହଜାର ୭୩୧.୮୭ କୋଟି ଟଙ୍କା ପ୍ରଦାନ କରାଯାଇଛି । ବର୍ଷ ୨୦୧୮-୧୯ରେ ଯଥାକ୍ରମେ ୧୯୪.୭୫ କୋଟି, ବର୍ଷ ୨୦୧୯ -୨୦ରେ ୧୬୮୬.୫୮ କୋଟି ଏବଂ ୨୦୨୦-୨୧ ନଭେମ୍ବର ମାସ ସୁଦ୍ଧା ୮୫୦.୩୫ କୋଟି ଟଙ୍କା ସମସ୍ତ ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ୍ ଆକାଉଂଟକୁ ଟ୍ରାନ୍ସଫର୍ କରାଯାଇଛି। ୨୦୧୬-୧୭ ଠାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଓଡ଼ିଶାର ୨୦.୯୪ ଲକ୍ଷ ଚାଷୀଙ୍କୁ ମୋଟ ୪,୪୨୪.୮୫ କୋଟି ଟଙ୍କା ଦିଆଯାଇଛି । ମୋଦି ସରକାର ଆମ ଅର୍ଥନୀତିର ମେରୁଦଣ୍ଡକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ସମେତ ସମଗ୍ର ଦେଶର ଚାଷୀଙ୍କ କଲ୍ୟାଣ କରିବା ପାଇଁ ସଂକଳ୍ପବଦ୍ଧ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଡିସେମ୍ବରରେ ଶନିବାର ବନ୍ଦ ରହିବ ସରକାରୀ ଅଫିସ

# ଟ୍ୱିନ୍ ସିଟିରେ ସର୍ବାଧିକ ୭୫% କର୍ମଚାରୀ

**ଭୁବନେଶ୍ୱର :** ଭୁବନେଶ୍ୱର ଓ କଟକ ସ୍ଥିତ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଏବଂ ସବ-ଅର୍ଡିନେଟ୍ ଅଫିସ୍ ଡିସେମ୍ବର ମାସରେ ୭୫ ପ୍ରତିଶତ (ଗ୍ରୁପ୍-ଏ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ) କର୍ମଚାରୀଙ୍କୁ ନେଇ ଚାଲିବା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ୍ ଡିସେମ୍ବର ମାସର ସବୁ ଶନିବାର ବନ୍ଦ ରହିବ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ ସଞ୍ଜିବ ଚୋପ୍ରା ଏନେଇ ଆଜି ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ ରାଜ୍ୟର ସମସ୍ତ ସରକାରୀ ଅଫିସ୍ ଶନିବାର ବନ୍ଦ ରହିବ। ଭୁବନେଶ୍ୱର ଓ କଟକରେ ଥିବା ବିଭାଗୀୟ ଦପ୍ତର ଓ ମୁଖ୍ୟ ଅଫିସରେ ପ୍ରଥମ ଶ୍ରେଣୀ ବର୍ଗର ଅଫିସରଙ୍କୁ ମିଶାଇ ସର୍ବାଧିକ ୭୫ ପ୍ରତିଶତ କର୍ମଚାରୀ କାର୍ଯ୍ୟ କରିବେ। ଅଫିସ୍ କାର୍ଯ୍ୟ ଯେଭଳି ପ୍ରଭାବିତ ନହେବ ତାହା ସୁନିଶ୍ଚିତ କରିବାକୁ କୁହାଯାଇଛି। ଅଫିସକୁ କେଉଁ କର୍ମଚାରୀ ଆସିବେ ତାହା ବିଭାଗୀୟ ମୁଖ୍ୟ ବା ସଚିବ ନିର୍ଦ୍ଧାରଣ କରିବେ। ତେବେ ଓସଡମା, ଏସଆରସି ଅଫିସ, ପୁଲିସ, ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ ସେବା, ମ୍ୟୁନିସପାଲ ସେବା ଆଦି ଯୋଗାଉଥିବା ଅଫିସଗୁଡ଼ିକର ଶତପ୍ରତିଶତ କର୍ମଚାରୀଙ୍କୁ ଆସିବାକୁ ପଡ଼ିବ। ଏସବୁ ବ୍ୟତୀତ ବିଧାନସଭା ଶୀତ ଅଧିବେଶନ ସହ ଜଡ଼ିତ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ନିୟମିତ ଅଫିସ୍ ଆସିବେ। କୋଭିଡ-୧୯ ସଂକ୍ରମଣକୁ ରୋକିବା ପାଇଁ ୨୦୨୦ ଜୁନ୍ ୮ରେ ବିଭାଗ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନକୁ କଡ଼ାକଡ଼ି ଭାବେ ପାଳନ କରିବାକୁ କୁହାଯାଇଛି। ସେହିପରି ଯଦି ଅଫିସରେ କୋଭିଡ୍ ସଂକ୍ରମଣ ମାମଲା ଚିହ୍ନଟ ହେଉଛି ତା’ହେଲେ ଜୁଲାଇ ୨୩ରେ ଜାରି ପ୍ରୋଟୋକଲକୁ ପାଳନ କରିବାକୁ କୁହାଯାଇଛି। ଯେଉଁ କର୍ମଚାରୀ ଓ ଅଫିସରମାନଙ୍କୁ ଭିପିଏନ୍ ସୁବିଧା ଦିଆଯାଇଛି, ସେମାନେ ନିଜର ରୋଷ୍ଟର ଡ୍ୟୁଟି ନଥିବାବେଳେ ଘରେ ରହି କାମ କରିବେ। ଜରୁରୀ ପଡ଼ିଲେ ସେମାନେ ସ୍ୱଳ୍ପ ନୋଟିସ ଅବା ଟେଲିଫୋନ୍ ଖବର ପାଇଁ ଅଫିସ୍ ଆସିବାକୁ ବାଧ୍ୟ। ନିଜର ଅଧସ୍ତନ ଅଫିସ୍ ଓ କ୍ଷେତ୍ରୀୟ ଅଫିସଗୁଡ଼ିକ କିଭଳି ଚାଲିବ ତାହା ସେମାନଙ୍କର ପ୍ରଶାସନିକ ବିଭାଗ ସ୍ଥିର କରିବ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ‘ସାହିତ୍ୟକୁ ସମୃଦ୍ଧ କରିଛି ପରକିୟାପ୍ରୀତି’




**ଭୁବନେଶ୍ୱର :** କବି ଅକ୍ଷୟ କୁମାର ବେହେରାଙ୍କ ଷଷ୍ଠ କବିତା ସଂକଳନ ‘ଏ ମୂଳ ସେ ମୂଳ’ ଲୋକାର୍ପିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀ ପକ୍ଷରୁ ସ୍ଥାନୀୟ ଶୈଳଶ୍ରୀ ବିହାରସ୍ଥିତ ପଞ୍ଚସଖା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁସ୍ତକ ଲୋକାର୍ପିତ ହୋଇଛି। ଏଥିରେ ଡ଼. ଆଦିକନ୍ଦ ସାହୁ, ବିଶିଷ୍ଟ କଥାଶିଳ୍ପୀ ଦାଶ ବେନହୁର, ସାହିତ୍ୟିକ ମନୋଜ ମହାପାତ୍ର ଓ ସୁପ୍ରିୟା ମଲ୍ଲିକ ଓ ‘କାଦମ୍ବିନୀ’ର ସମ୍ପାଦିକା ତଥା ସୁସାହିତ୍ୟିକା ଡ଼. ଇତିରାଣୀ ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଆଜିର ସମୟରେ ନଦୀ ଓ ଗ୍ରାମକୁ ନେଇ ନିରବଚ୍ଛିନ୍ନ ୭୬ଟି କବିତାର ସଂକଳନ ଏକ କାବ୍ୟ ରୂପ ନେଇଛି ବୋଲି ଅତଥିମାନେ ମତ ରଖିଥିଲେ। ଡ. ହୃଷିକେଶ ମଲ୍ଲିକ୍ ଏବଂ ଡ. ଆଦିକନ୍ଦ ସାହୁ ପରକୀୟା ପ୍ରେମ ଆଜି ବି କିପରି ସାହିତ୍ୟ ସମୃଦ୍ଧ କରିଛି ତା’ର ପ୍ରତିଫଳନ ମାୟାଧର ମାନସିଂ, କବି ରମାକାନ୍ତ ରଥ ଓ ରାଧାନାଥ ରାୟଙ୍କ ପରେ ‘ଏ କୂଳ ସେ କୂଳ’ ଏକ ଅନୁପମ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ। ମନୋଜ ମହାପାତ୍ର କବିତା, ଦର୍ଶନ ଓ ବିଜ୍ଞାନ ସମନ୍ୱୟରେ ସୁନ୍ଦର ବକ୍ତବ୍ୟ ଉପସ୍ଥାପନ କରଥିଲେ। ଗାଳ୍ପିକ ସୁପ୍ରିୟା ମଲ୍ଲିକ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଶିଷ୍ଟ କଥାଶିଳ୍ପୀ ଦାଶ ବେନହୁର ସାହିତ୍ୟରେ ଦର୍ଶନ ଓ ଭାବ କିଭଳି ସଫଳ ସାହିତ୍ୟ ସୃଷ୍ଟିକରେ ସେ ସମ୍ପର୍କରେ ‘ଏ କୂଳ ସେ କୂଳ’ ତା’ର ଏକ ସଫଳ ପ୍ରୟୋଗ ବୋଲି ମତ ରଖିଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ବିଶିଷ୍ଟ କବି ରଞ୍ଜନ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ‘ପକ୍ଷୀଘର ପ୍ରକାଶନୀ’ର ନିର୍ଦ୍ଦେଶକ ବନୋଜ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ କବି ଅରୁଣ କୁମାର ସାହୁ ‘ଏ କୂଳ ସେ କୂଳ’ କବିତା ପୁସ୍ତକ ସମ୍ପର୍କରେ ନିଜର ମାର୍ମିକ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଅର୍ପଣ କରଥିଲେ।

### ବନୀକରଣ ଦୁର୍ନୀତି, ଏସ୍ଆଇଟି ଖୋଲିବ ଗୁମର

# ପାଠକଙ୍କ ଲିଙ୍କ୍‌ର ଲୋକଙ୍କୁ ଜାରି ହେବ ନୋଟିସ

**ଭୁବନେଶ୍ୱର :** ନିଲମ୍ବିତ ଆଇଏଫ୍ଏସ୍ ଅଫିସର ଅଭୟକାନ୍ତ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ଲିଙ୍କ୍‌ରେ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ନୋଟିସ ଜାରି କରାଯିବ ବୋଲି ସୂଚନା ମିଳିଛି। ସିଆରପିସିର ଧାରା ୧୬୦ ଅନୁସାରେ ସମସ୍ତଙ୍କୁ ହାଜର ନୋଟିସ ଜାରି କରାଯିବ। ଏଥିସହିତ ପାଠକଙ୍କ ସହ ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀ, ବନ ଅଧିକାରୀ ଓ ସମ୍ପର୍କୀୟମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ। ପାଠକଙ୍କ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ କରିବାକୁ ଗଠିତ ଏସ୍ଆଇଟି (ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଟିମ୍)ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଭିଜିଲାନ୍ସ ସୂଚନା ଅନୁସାରେ, ଅଭୟକାନ୍ତ ପାଠକଙ୍କ ଅମାପ ଓ ବେଆଇନ ସମ୍ପତ୍ତିର ପୁଙ୍ଖାନୁପୁଙ୍ଖ ତଦନ୍ତ ଲାଗି ୨୦ ଜଣିଆ ଏସ୍ଆଇଟି ଗଠନ କରାଯାଇଛି। କେଉଁ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯିବ ଏବଂ ଅନୁସନ୍ଧାନର ଯୋଜନା ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏହି ବୈଠକରେ ତଦନ୍ତକୁ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ବନୀକରଣ ଦୁର୍ନୀତି ଲିଙ୍କରେ ଥିବା ସମସ୍ତଙ୍କୁ ପଚରାଉଚରା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହି ଅନୁସାରେ ତାଲିକା ପ୍ରସ୍ତୁତ ହୋଇ ନୋଟିସ ଜାରି କରାଯିବ। ଯେଉଁ ବ୍ୟାଙ୍କରେ ପାଠକ ବାପ-ପୁଅଙ୍କ ଆକାଉଣ୍ଟ ରହିଛି, ସେମାନଙ୍କ ଆକାଉଣ୍ଟର ଅର୍ଥ କାରବାର କିଭଳି ହୋଇଛି ସେ ସମ୍ପର୍କରେ ବ୍ୟାଙ୍କ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ବ୍ୟାଙ୍କରୁ ପାଠକଙ୍କ ଜମା ଉଠାଣ ସମ୍ପର୍କିତ ସବିଶେଷ ତଥ୍ୟ ହାସଲ କରାଯିବ। ପାଠକଙ୍କ ଘନିଷ୍ଠ ବନ୍ଧୁମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇ ପଚରାଉଚରା କରାଯିବା ସହ ପାଠକଙ୍କ ନିକଟରେ ଥିବା ମୂଲ୍ୟବାନ ଗାଡି କିଣାବେଳେ ନଗଦ କାରବାର ହୋଇଛି କିମ୍ବା ଅନ୍‌ଲାଇନରେ ପେମେଣ୍ଟ କରାଯାଇଛି ତାହାର ମଧ୍ୟ



ତଦନ୍ତ କରାଯିବ। ଏଥିସହିତ ସେୟାର ବଜାର, ମ୍ୟୁଚୁଆଲ ଫଣ୍ଡ ଏବଂ ଅନ୍ୟାନ୍ୟ ବଜାର ଉପକରଣରେ ବିପୁଳ ଅର୍ଥ ବିନିଯୋଗ କରାଯାଇଥିବା ସୁରାକ ମିଳିବା ପରେ ସେ ନେଇ ମଧ୍ୟ ତଦନ୍ତ କରାଯିବ। ସୂଚନାଥାଉ କି, ଅଭୟ ପାଠକ ୨୦୧୭ ଜୁନରୁ ବନୀକରଣ ଦାୟିତ୍ୱରେ ଥିଲେ। ପ୍ରଥମେ ସେ ମୁଖ୍ୟ ବନ ସଂରକ୍ଷକ (ବନୀକରଣ) ଓ ପରେ ଅର୍ଥାତ ୨୦୧୮ ଜୁନ ୨ ତାରିଖରେ ପଦୋନ୍ନତି ପାଇ ସେହି ବନୀକରଣ ବିଭାଗର ଅତିରିକ୍ତ ପିସିସିଏଫ୍ ଭାବେ ଅବସ୍ଥାପିତ ହୋଇଥିଲେ। ତାଙ୍କ ସମୟରେ ବନୀକରଣ ଯୋଜନା ବାଟବଣା ହୋଇଥିବା ଅଭିଯୋଗ ହେଉଥିଲା। ହେଲେ ଏତଲା ଦାୟର ନହେବା କାରଣରୁ ତଦନ୍ତ କରାଯାଇପାରିନଥିଲା। ଏବେ ସେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ତାଙ୍କ ଦୁର୍ନୀତିର ଚେର ଖୋଜିବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ବନୀକରଣ ଯୋଜନାର ଖୋଳତାଡ କରାଯିବ। ବିଶେଷ କରି ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ମୋଟ ୨୮୧ କୋଟି ଟଙ୍କା ବ୍ୟୟରେ ବନୀକରଣ କରାଯାଇଛି। ଏହି ଯୋଜନା ମାଧ୍ୟମରେ ୧ ଲକ୍ଷ ୫ ହଜାର ୯୨୧ ହେକ୍ଟର ପରିମିତ ଅଞ୍ଚଳରେ ବନୀକରଣ କରାଯାଇଛି। ଏଥିସହିତ ୪ ହଜାର ୨୩୭ କିମି ପଥପାର୍ଶ୍ୱ ବନୀକରଣ କରାଯାଇଛି। ମୋଟ ୩ କୋଟି ୬୧ ଲକ୍ଷ ବୃକ୍ଷରୋପଣ କରାଯାଇଥିବା ବେଳେ ୫ କୋଟି ୪୨ ଲକ୍ଷ ଚାରା ହିତାଧିକାରୀଙ୍କୁ ବଣ୍ଟନ କରାଯାଇଛି। ହେଲେ ଏହା କେବଳ କାଗଜ କଲମରେ ସୀମିତ ଥିବା ଅଭିଯୋଗ ହେଉଛି। ତେଣୁ ଏହାର ତଦନ୍ତ ଲାଗି ଗ୍ରାଉଣ୍ଡ ଜିରୋରୁ ତଥ୍ୟ ସଂଗ୍ରହ କରାଯିବ।

# ମହିଳାଙ୍କୁ ଆତ୍ମନିର୍ଭରଶୀଳ କରାଇଛି ହସ୍ତତନ୍ତ

**ଉଦଳା, (ନିରୁପମା ରଣା) :** ଆମେ ବେକାର ଥିଲୁ ଏବେ ସ୍ୱବଳମ୍ବୀ ହୋଇପାରିଛୁ। ହସ୍ତତନ୍ତରେ ବିଭିନ୍ନ ପ୍ରକାର ଜିନିଷ ତିଆରି କରି ନିଜେ ଆତ୍ମନିର୍ଭରଶୀଳ ହେବା ସହ ପରିବାର ପ୍ରତିପୋଷର କରିବାରେ ସହାୟକ ହୋଇଛୁ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଚୁଲିଆପୋଷି ଗ୍ରାମର ଏ ହେଉଛି ହସ୍ତତନ୍ତ ପ୍ରଶିକ୍ଷର କେନ୍ଦ୍ର। ଏହି ଗ୍ରାମରେ ୨୦୧୮ ମସିହାରେ ମୌନ ଧ୍ୱନି ଫାଉଣ୍ଡେସନ ନାମକ ସଂସ୍ଥା ଆରମ୍ଭ କରିଥିଲା ହସ୍ତତନ୍ତ ପ୍ରଶିକ୍ଷଣ କେନ୍ଦ୍ର। ବିଶେଷକରି ହଜିଯାଉଥିବା କଳା ଶିଳ୍ପକୁ ଉଦ୍‌ଜୀବିତ କରିବା ସହ ଆତ୍ମନିର୍ଭରଶୀଳ ହେବାର ଏକମାତ୍ର ଲକ୍ଷ୍ୟ। ଯାହାକି ଏହିଠାରେ ୩୫ଜଣ ମହିଳା କାମ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। କିଏ ବିଭିନ୍ନ ପ୍ରକାର ତନ୍ତୁରେ ସାଲ ଓ ଶାଢ଼ୀ ତିଆରି କରୁଛି ତ ଆଉ କିଏ ପ୍ରକୃତିର ଜିନିଷରେ ରଙ୍ଗ ବାହାର କରୁଛି। ଏହି ସଂସ୍ଥା ଏଠାରେ ପ୍ରଶିକ୍ଷଣ ଦେବା ସହ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଇଥିବା କାମ କରୁଥିବା ମହିଳାମାନେ କହିଛନ୍ତି। ପୂର୍ବରୁ ଏହି ମହିଳାମାନଙ୍କ ମଧ୍ୟରୁ କିଏ ପକ୍କା କାମ କରୁଥିଲେ ଆଉ କିଏ ଘରେ ବସି ରହିଥିଲେ



ତେବେ ଏଠାରେ ତନ୍ତୁ କାମ ଶିଖିବା ପରେ ଅନେକ ପ୍ରକାର ସୁନ୍ଦର ସୁନ୍ଦର ଶାଢ଼ୀ ତିଆରି କରୁଛନ୍ତି। ଯାହାକି ସେମାନେ ନିଜେ ଆତ୍ମନିର୍ଭରଶୀଳ ହୋଇ ପରିବାର ପ୍ରତିପୋଷଣ କରିପାରୁଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ବିଭିନ୍ନ ପ୍ରକାର ତନ୍ତୁରେ ବୋମକେଇ, କୋଟପାଡ, ସିମିନୋଇ ଓ ଡୁମୁରିଆ ଶାଢ଼ୀ ତିଆରି ହୋଇଥାଏ। ବର୍ତ୍ତମାନ କରୋନା ଯୋଗୁ କଞ୍ଚା ମାଲ ଆସିପାରୁନଥିବା ବେଳେ ତିଆରି ହୋଇଥିବା ଜିନିଷ ମଧ୍ୟ ପଡିରହିଛି। ତେବେ ଶାଢ଼ୀର ରଙ୍ଗ ସୁତା ପାଇଁ ବିଭିନ୍ନ ପ୍ରକାର ଗଛ ପତ୍ରକୁ ବ୍ୟବହାର କରି ସେଥିରୁ ରଙ୍ଗ ସୁତା ପ୍ରସ୍ତୁତ କରିଥାନ୍ତି। ତେବେ ଏହି ସଂସ୍ଥା ମୟୂରଭଞ୍ଜ ଜିଲ୍ଲାର ୪ଟି ସ୍ଥାନରେ ମହିଳାମାନଙ୍କୁ ପ୍ରଶିଣ ଦେଇ ଆତ୍ମନିର୍ଭରଶୀଳ ହେବାର ପ୍ରୟାସ ଜାରି ରଖିଛି।

# ଯକ୍ଷ୍ମା ଦୂର କରିବାରେ ଓଡ଼ିଶା ଦ୍ୱିତୀୟ

**ଭୁବନେଶ୍ୱର :** ସମୟ ଥିଲା ଟିବି(ଯକ୍ଷ୍ମା)ରୋଗରେ ଓଡ଼ିଶାରେ ପ୍ରତି ୨୪ଘଣ୍ଟାରେ ୬ଜଣଙ୍କ ମୃତ୍ୟୁ ହେଉଥିଲା। ଏବେ କିନ୍ତୁ ସମୟ ବଦଳି ଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଟିବି ରୋଗୀଙ୍କ ଲାଗି ସ୍ୱତନ୍ତ୍ର ଭାବେ ନିଆଯାଇଥିବା ପଦକ୍ଷେପ ପାଇଁ ଓଡ଼ିଶାରେ ଟିବି ରୋଗର ମାତ୍ରା କମିବାରେ ଲାଗିଛି। ଓଡ଼ିଶା ସରକାର ରାଜ୍ୟରେ ଟିବି ରୋଗ ଦୂରକରିବା କ୍ଷେତ୍ରରେ ବେଶ୍ ସଫଳତା ହାସଲ କରିଛନ୍ତି। କେନ୍ଦ୍ର ସରକାରଙ୍କ ୨୦୨୦ ଟିବି ରିପୋର୍ଟ ଅନୁଯାୟୀ ଓଡ଼ିଶା ଟିବି ନିୟନ୍ତ୍ରଣ କରିବାରେ ଭାରତବର୍ଷରେ ଦ୍ୱିତୀୟ ସ୍ଥାନରେ ରହିଛି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି